

ଯେଉଁଲୋକ କାମ କରି ଚାଲିଥାଏ, ସୁଯୋଗ ତା' ପାଖକୁ ଶୀଘ୍ର ହେଉ ବା ବିଳମ୍ବରେ ହେଉ ନିଶ୍ଚୟ ଆସେ।
- ଚକ୍ରବର୍ତ୍ତୀ ରାଜଗୋପାଳଚାରୀ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଜୁନିୟର ମଡେଲ୍ ଇଣ୍ଟରନ୍ୟାଶନାଲ ପାଇଁ ଓଡ଼ିଶାରୁ ମନୋନୀତ ଜୁନିୟର ଟପ୍ ମଡେଲ୍‌ଙ୍କ ବିୟୁଟି ଗ୍ରୁମିଂ, ଏଲାଇଟ୍ ବିୟୁଟି ଷ୍ଟୁଡିଓ, ହୋଟେଲ ମେଫେୟାର୍ ନିକଟ, ଅପରାହ୍ଣ ୫ଟା।
- ଗୌରକଥା ମଣ୍ଡଳୀ ପକ୍ଷରୁ ଶ୍ରୀଗୌର କଥା ପ୍ରବଚନ, ଇସ୍କନ ମାଉସୀ ମା' ମନ୍ଦିର, ୟୁନିଟ-୮, ସନ୍ଧ୍ୟା ୬ଟାରୁ ରାତି ୯ଟା।

**ପୁରୀ**

- ଶୀତଳ ବାଞ୍ଛ ସେବା, ପୌରସଦନ, ପୂର୍ବାହ୍ଣ ୧୦ଟା।
- ଭକ୍ତକବି ସାଲବେଗଙ୍କ ମହାପ୍ରୟାଣ ଦିବସ ପାଳନ, ସାଲବେଗ ପୀଠ, ବଳଗଣ୍ଡି ଛକ, ସନ୍ଧ୍ୟା ୬ଟା।

## ଆଜି କାକଟପୁର ମା'ମଙ୍ଗଳାଙ୍କ ପ୍ରସିଦ୍ଧ ଝାମୁଯାତ୍ରା



**କାକଟପୁର, ୨୨।୪(ଡି.ଏନ୍.ଏ.):** କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ପ୍ରସିଦ୍ଧ ଝାମୁଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହେବ। ଏଥିପାଇଁ ସମଗ୍ର କାକଟପୁର ଉତ୍ସବ ମୁଖର ହୋଇପଡ଼ିଛି। ମନ୍ଦିର ଚତୁଃପାର୍ଶ୍ୱ, ମନ୍ଦିର ରାସ୍ତା, କଲେଜ ଛକଠାରୁ ମେଡିକାଲ ଛକ କାକଟପୁର-ଅସ୍ତରଙ୍ଗ ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ଉଠା ଦୋକାନୀମାନେ ନିଜ ନିଜର ଦୋକନ ପ୍ରସ୍ତୁତ କରିଛନ୍ତି। ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଥିବାରୁ ସ୍ଥାନୀୟ ପୋଲିସ ପ୍ରଶାସନ ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ବ୍ରାହ୍ମ ମୁହୂର୍ତ୍ତରେ ମନ୍ଦିର ଦ୍ୱାର ଫିଟାଯାଇ ମା'ଙ୍କ ସ୍ନାନ, ମାର୍ଜଣା ଓ ପୂଜାନୀତି ପରେ ମାତୃଭକ୍ତମାନଙ୍କୁ ଉତ୍ତରପାର୍ଶ୍ୱ ଦ୍ୱାରା ଦେଇ ମନ୍ଦିରକୁ ଛଡ଼ାଯିବ। ଭକ୍ତମାନଙ୍କୁ ଖରା ପ୍ରକପୋରୁ ଯାତ୍ରୀମାନଙ୍କୁ ରକ୍ଷା କରିବା ଲାଗି ମନ୍ଦିର ବେଢ଼ାକୁ କପଡ଼ାରେ ଆଚ୍ଛାଦିତ କରାଯାଇଛି। ଭକ୍ତମାନଙ୍କୁ ବ୍ୟାରିକେଡ ମଧ୍ୟରେ ଧାଡ଼ିରେ ମନ୍ଦିର ଭିତରକୁ ଛଡ଼ାଯିବ। ଯାତ୍ରୀମାନେ ସୁବିଧାରେ ଯାଇ ମା'ଙ୍କୁ ଦର୍ଶନ କରିପାରିବେ। ମନ୍ଦିର ସିଂହଦ୍ୱାର ସମ୍ମୁଖ ଝାମୁସ୍ଥଳୀକୁ ଷ୍ଟିଲ ରଡ୍‌ଦ୍ୱାରା ଘେରାଯାଇଛି। ମନ୍ଦିର ଭିତରେ ଝାମୁସ୍ଥଳୀ, ପାର୍କିଂସ୍ଥାନ, ମୁଖ୍ୟରାସ୍ତା ପ୍ରଭୃତି ସ୍ଥାନରେ ଯଥେଷ୍ଟ ସଂଖ୍ୟକ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯିବ ବୋଲି କାକଟପୁର ଥାନା ଆଇଆଇସି ସୁମତୀ ମହାନ୍ତି କହିଛନ୍ତି। ଦିନ ୨ଟାରେ ଝାମୁ ଉତ୍ସବ ଓ ପରେ ପାଟୁଆ ନୃତ୍ୟ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିବାବେଳେ ଯାତ୍ରୀଙ୍କ ସୁବିଧା ଓ ସାହାଯ୍ୟ ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନଙ୍କୁ ଦାୟିତ୍ୱ ଦିଆଯାଇଥିବା କାକଟପୁର ତହସିଲଦାର ରୋଜିନା ଦାଶ କହିଛନ୍ତି।

### ସହର ସୌନ୍ଦର୍ଯ୍ୟକରଣ ପ୍ରୀତି ଅଢେଇ ଦିନିଆ

# ରାଜନୈତିକ ପୋଷ୍ଟରରେ ବିକୃତ ରାଜଧାନୀ



- ବିଭିନ୍ନ ସ୍ଥାନରେ ୱାଲ୍ ପେଣ୍ଟିଂ ଉପରେ ଲାଗିଛି ପୋଷ୍ଟର
- କଟକଣା କି କାର୍ଯ୍ୟାନୁଷ୍ଠାନ ନାହିଁ

**ସ୍ଥିତପ୍ରଜ୍ଞ ମିଶ୍ର**
**ଭୁବନେଶ୍ୱର, ୨୨।୪(ବ୍ୟୁରୋ)**

ହକି ବିଶ୍ୱକପ୍ ଲାଗି ଭୁବନେଶ୍ୱରକୁ ନୂଆ ରୂପରେ ଦେଖିବାକୁ ମିଳିଥିଲା। ଖୁବ୍ କମ୍ ସମୟ ମଧ୍ୟରେ ବିଶ୍ୱକପ୍ ଆୟୋଜନ ସହ ସହରର ନବୀକରଣ ଓ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ଏଥିପାଇଁ ବହୁ କୋଟି ଟଙ୍କା ମଧ୍ୟ ଖର୍ଚ୍ଚ ହୋଇଥିଲା। ରାସ୍ତାକଡ଼ କାନ୍ଥ, ଓଭରବ୍ରିଜ ପାର୍ଶ୍ୱ ସମେତ ବିଭିନ୍ନ ସ୍ଥାନରେ ୱାଲ୍ ପେଣ୍ଟିଂ କରାଯାଇ ସେଥିରେ ହକି ସହ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟକୁ ପ୍ରତିଫଳିତ କରାଯାଇଥିଲା। ବିଶ୍ୱକପ୍ ସମୟରେ ସ୍ମାର୍ଟସିଟି ଭୁବନେଶ୍ୱରର ସୌନ୍ଦର୍ଯ୍ୟକୁ ସାରା ବିଶ୍ୱ ଦେଖିଥିଲା। ଏହାପରଠାରୁ ଏବେ ପର୍ଯ୍ୟନ୍ତ ମଧ୍ୟ କେତେକ ସ୍ଥାନରେ ୱାଲ୍ ପେଣ୍ଟିଂ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଛି। ହେଲେ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ପୂର୍ବରୁ ହୋଇଥିବା ସୌନ୍ଦର୍ଯ୍ୟକରଣ ଧୀରେ ଧୀରେ ନଷ୍ଟ ହେବାରେ ଲାଗିଛି। ବିଶେଷକରି ୱାଲ୍ ପେଣ୍ଟିଂ ଉପରେ ରାଜନୈତିକ ପୋଷ୍ଟର ରାଜଧାନୀର ସୌନ୍ଦର୍ଯ୍ୟକୁ ବିକୃତ କରିଦେଇଛି। ମାଷ୍ଟର କ୍ୟାଣ୍ଟିନ ଛକରେ ଥିବା '#ମୋ ଭୁବନେଶ୍ୱର'ର ଚିତ୍ରକଳା ହେଉ କି 'ମୋ ବସ୍' ଅଥବା ଓଡ଼ିଶାର ସଂସ୍କୃତିକୁ ନେଇ ରାଜଭବନ ଛକ ନିକଟରେ ଅଙ୍କାଯାଇଥିବା ଚିତ୍ରକଳା ସବୁଠି



ପ୍ରାର୍ଥୀଙ୍କ ପୋଷ୍ଟରରେ ଲୁଚି ଯାଇଛି। କିଛି ସ୍ଥାନରେ ଅଧାଚିରା ପୋଷ୍ଟର କାନ୍ଥରେ ଓହଳି ରହିଥିବାବେଳେ ଆଉ କେତେକ ସ୍ଥାନରେ ବିଛାଇ ହୋଇ ରହିଛି। ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ସତ୍ତ୍ୱେ ସରକାରୀ ସ୍ଥାନରେ ପୋଷ୍ଟର ଲାଗି ରହିଛି। ସରକାରୀ ସ୍କୁଲ, ଡାକ୍ତରଖାନା ଓ କାର୍ଯ୍ୟାଳୟ ପରିସର ସମେତ ପାଚେରିରେ ହୋଇଥିବା ପେଣ୍ଟିଂ ଉପରେ ପୋଷ୍ଟର ଲଗାଯାଇଥିଲେ ମଧ୍ୟ କାହାର କଟକଣା ନାହିଁ।

### ଆଳ ଦେଖାଇ ମୁହଁ ଖୋଲିଲେନି ଅଧିକାରୀ

ସବୁଠୁ ଉଦ୍‌ବେଗର କଥା ହେଲା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ଏସ୍‌ଏଲ)ର କୌଣସି ବି ପଦାଧିକାରୀ ନିର୍ବାଚନ ଆଚରଣବିଧି ବାହାନା ଦେଖାଇ ଏହି ପ୍ରସଙ୍ଗରେ ମୁହଁ ଖୋଲୁନାହାନ୍ତି। ତେବେ ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ସହରର ସୌନ୍ଦର୍ଯ୍ୟକରଣ ଲାଗି ସବୁ ପ୍ରୟାସ ଆମେ କରିଛୁ। କିନ୍ତୁ ପ୍ରଚାର ଲାଗି ପ୍ରାର୍ଥୀମାନେ ସହରର ସୌନ୍ଦର୍ଯ୍ୟକରଣ କାମକୁ ଖରାପ କରୁଛନ୍ତି। ତାହା ଅତ୍ୟନ୍ତ ନିନ୍ଦନୀୟ। ବିଏମ୍‌ସି କମିଶନର ଏଥିପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ଗ୍ରହଣ କରିବା କଥା। ସହରର ସୌନ୍ଦର୍ଯ୍ୟକରଣ କରିବା କାମ ବିଡିଏ ଓ ସ୍ମାର୍ଟସିଟି ଲିମିଟେଡ଼ କରୁଛି। କିନ୍ତୁ ତା'ର ସଂରକ୍ଷଣ ଦାୟିତ୍ୱ ବିଏମ୍‌ସିର। ବିଏମ୍‌ସି କର୍ମଚାରୀମାନେ ଏଥିପ୍ରତି ତତ୍ପରତା ଦେଖାଇବା ଆବଶ୍ୟକ।

### କ'ଣ କୁହନ୍ତି ଏମାନେ...



ସ୍ମାର୍ଟ ସିଟି ନାଁରେ ପୁଳା ପୁଳା ଅର୍ଥ ଖର୍ଚ୍ଚ କରାଯାଉଛି। ହକି ବିଶ୍ୱକପ୍ ସମୟରେ ମଧ ସୌନ୍ଦର୍ଯ୍ୟକରଣ ପାଇଁ ବହୁ କୋଟି ଖର୍ଚ୍ଚ ହେଲା। ସେତେବେଳେ ଏହାକୁ ନେଇ ମଧ ସରକାର, ବିଏମ୍‌ସି ଓ ସ୍ମାର୍ଟସିଟି କର୍ତ୍ତୃପକ୍ଷ ବାହାବା ନେଲେ। ଏବେ କିନ୍ତୁ ଏଥିପ୍ରତି କାହାର ନିଘାନାହିଁ। ନିର୍ବାଚନୀ କଟକଣା ସତ୍ତ୍ୱେ ସରକାରୀ ସ୍ଥାନରେ ପୋଷ୍ଟର ଲାଗିଛି। ନିର୍ବାଚନୀ କାର୍ଯ୍ୟରେ ସବୁ ଅଧିକାରୀ ବ୍ୟସ୍ତ। ବିଏମ୍‌ସି ଅଧିକାରୀମାନେ ମଧ ସହରରେ ବୁଲୁଥିବା ଆମେ ଦେଖୁଛୁ, କିନ୍ତୁ ସେମାନଙ୍କୁ ଏପରି ଦୃଶ୍ୟ ଦେଖାଯାଉନାହିଁ।

**- ଧୀରେନ ରାଉତରାୟ, ବୁଦ୍ଧିଜୀବୀ**



ସହରର ସୌନ୍ଦର୍ଯ୍ୟ ବଜାୟ ରହିଲେ ପର୍ଯ୍ୟଟକଙ୍କ ସାମ୍ନାରେ ଭୁବନେଶ୍ୱରର ଏକ ସ୍ୱଚ୍ଛ ଭାବମୂର୍ତ୍ତି ରହିବ। କିନ୍ତୁ ୧୫ ଦିନର ଏହି ନିର୍ବାଚନର ପ୍ରକ୍ରିୟା ଲାଗି ସହରକୁ ସୌନ୍ଦର୍ଯ୍ୟମୟ କରୁଥିବା ଚିତ୍ରକଳାଗୁଡ଼ିକ ଉପରେ ପ୍ରାର୍ଥୀମାନଙ୍କର ପୋଷ୍ଟର ଲଗାଯିବା ଆଦୌ ଯଥାର୍ଥ ନୁହେଁ। ଏଥିପ୍ରତି ବିଡ଼ିଏ ଓ ବିଏମ୍‌ସି ଧ୍ୟାନ ଦେବା ଆବଶ୍ୟକ।

**- ଫୁଜୁ କାଦିର, ବୁଦ୍ଧିଜୀବୀ ଓ ଭୁବନେଶ୍ୱର ବାସିନ୍ଦା**



ଆମର ଗୌରବ ବୃଦ୍ଧି କରୁଥିବା ଓ ସହରର ସୌନ୍ଦର୍ଯ୍ୟସୃଷ୍ଟି କରୁଥିବା ୱାଲ୍ ପେଣ୍ଟିଂ ତଥା କଳାକୃତିଗୁଡ଼ିକ ଉପରେ ରାଜନୈତିକ ପୋଷ୍ଟର ଲଗାଇବା ଘୃଣ୍ୟ ମାନସିକତା। ଏଠି ଆମେ ବିଏମ୍‌ସିକୁ କି ବିଡିଏକୁ ଦୋଷ ଦେଇ କିଛି ଲାଭ ନାହିଁ। ପ୍ରାର୍ଥୀମାନେ ଜଣେ ଜଣେ ଜନପ୍ରତିନିଧି ହେବେ। ସେମାନଙ୍କ ନିକଟରେ ସାଧାରଣ ଜ୍ଞାନ ରହିବା ଦରକାର। ସେମାନେ ଯେଉଁମାନଙ୍କୁ ପୋଷ୍ଟର ଲଗାଇବା ଲାଗି ଦେଇଥିଲେ ସେମାନଙ୍କୁ ଏଥିପ୍ରତି ସଚେତନ ବା ସତର୍କ କରାଇବାର ଥିଲା।

**- ଅରୁଣ କୁମାର ଜେନା, ଭୁବନେଶ୍ୱର ବାସିନ୍ଦା**



ବିଏମ୍‌ସି ଅଧିକାରୀ ଏଠି ସବୁ ଦେଖି ନିରବ। ନିର୍ବାଚନ ସମୟରେ ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନେ ପ୍ରଚାର ଓ ଲୋକସମ୍ପର୍କ ବଢ଼ାଇବା ଲାଗି କିଛି ବି କରିପାରନ୍ତି। ସେମାନଙ୍କ ଲାଗି ବର୍ତ୍ତମାନ ସହରର ସୌନ୍ଦର୍ଯ୍ୟ ଖତ ଖାଇଗଲେ ବି କିଛି ଅସୁବିଧା ନାହିଁ। ଏଥିପ୍ରତି ବିଏମ୍‌ସି କିମ୍ବା ବିଡିଏ ଅଧିକାରୀମାନେ ଧ୍ୟାନ ଦେବା ଜରୁରୀ।

**- ଶିବଶଙ୍କର ଡାକୁଆ, ଭୁବନେଶ୍ୱର ବାସିନ୍ଦା**



## ଖୋର୍ଦ୍ଧାରୋଡ଼ ଷ୍ଟେଶନରେ ଦୁଇ ଏସ୍କାଲେଟର ଲୋକାର୍ପିତ

**ଜଟଣୀ, ୨୨।୪(ଡି.ଏନ୍.ଏ.)**

ଯାତ୍ରୀଙ୍କ ସୁବିଧା ପାଇଁ ଖୋର୍ଦ୍ଧାରୋଡ ରେଳଷ୍ଟେଶନର ୧ନଂ. ପ୍ଲାଟଫର୍ମରେ ନୂତନ ଭାବେ ଦୁଇଟି ଏସ୍କାଲେଟର ସୋମବାର ଉଦ୍‌ଘାଟିତ ହୋଇଛି। ଖୋର୍ଦ୍ଧାରୋଡ ଡିଭିଜନର ଡିଆର୍‌ଏମ୍ ବ୍ରଜମୋହନ ଅଗ୍ରୱାଲ ଏହାକୁ ଉଦ୍‌ଘାଟନ କରି ଯାତ୍ରୀଙ୍କ ଉଦ୍ଦେଶ୍ୟରେ ଲୋକର୍ପିତ କରିଛନ୍ତି। ୧କୋଟି ୭୦ଲକ୍ଷ ଟଙ୍କା ବ୍ୟୟରେ ୬ମାସ ମଧ୍ୟରେ ଏହାକୁ ସ୍ଥାପନ କରାଯାଇଛି। ଏହି ଏସ୍କାଲେଟର ସ୍ଥାପନ ଦ୍ୱାରା ବରିଷ୍ଠ ନାଗରିକ ଓ ଅଧିକ ଲଗେଜ ଥିବା ଯାତ୍ରୀ ଉପକୃତ ହେବେ। ଏହି ଷ୍ଟେଶନର ଅନ୍ୟ ପ୍ଲାଟଫର୍ମରେ ଅଧିକ ଦୁଇଟି ଏକ୍‌ସାଲେଟର ଖୁବ୍‌ଶୀଘ୍ର ସ୍ଥାପନ କରାଯିବ। ସେହିପରି ଭୁବନେଶ୍ୱର, କଟକ, ବ୍ରହ୍ମପୁର, ଭଦ୍ରକ, ଯାଜପୁର ରେଳଷ୍ଟେଶନରେ ଯାତ୍ରୀଙ୍କ ସୁବିଧା ପାଇଁ ଅଧିକ ଲିଫ୍‌ଟର ସୁବିଧା ଯୋଗାଇ ଦିଆଯିବ ବୋଲି ରେଳୱେ ପକ୍ଷରୁ କୁହାଯାଇଛି।

# ଚେତିଲା ଏଏସ୍‌ଆଇ: ଖୋଲାଗଲା ଲୁହା ଭାରା

**ପୁରୀ ଅଫିସ, ୨୨।୪**

ଶ୍ରୀମନ୍ଦିର ପରିସରରୁ ଲଗାତର ଚୋରି ହୋଇଥିଲା। ପ୍ରଥମେ ରାମ ମନ୍ଦିର ଦାନବାକ୍ସରୁ ଟଙ୍କା ଏବଂ ଏହାର ୧୧ଦିନ ପରେ ସୁଆର ମହାସୁଆର ନିଯୋଗ କାନ୍ଥ ଭାଙ୍ଗି ଅନ୍ନଦାନ ଆଟିକା କାର୍ଯ୍ୟାଳୟରୁ ଚୋରି ହେଲା। ଏହାକୁ ନେଇ ବଡ଼ଦେଉଳର ସୁରକ୍ଷା ପ୍ରତି ଅଙ୍ଗୁଳି ଉଠିଲା। ପୋଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ମଧ୍ୟ ସମାଲୋଚିତ ହେବାକୁ ପଡ଼ିଲା। ଏହି ଚର୍ଚ୍ଚା ଥମି ନ ଥିବାବେଳେ ଗତ ଶନିବାର ଜଣେ ନାବାଳକ ନୀଳଚକ୍ର ପର୍ଯ୍ୟନ୍ତ ଚଢି ଯାଇଥିଲେ। ଶ୍ରୀମନ୍ଦିର ମରାମତି ପାଇଁ ବନ୍ଧାଯାଇଥିବା ଲୁହା ଭାରା ଦ୍ୱାରା ସେ ନୀଳଚକ୍ର ପର୍ଯ୍ୟନ୍ତ ପହଞ୍ଚିଯାଇଥିଲେ। ଏଥିପାଇଁ ଏଏସ୍‌ଆଇକୁ ପରୋକ୍ଷରେ ଦାୟୀ କରାଯାଇଥିଲା। ଏହାପରେ ଏଏସ୍‌ଆଇର ଚେତା ପଶିଛି। ସୋମବାରଠାରୁ ଲୁହା ଭାରା ଖୋଲାଯିବା କାମ ଆରମ୍ଭ କରିଛି।

ଶ୍ରୀମନ୍ଦିର ମରାମତି ପାଇଁ ଏଏସ୍‌ଆଇ ପକ୍ଷରୁ ଲୁହା ଭାରା ବନ୍ଧାଯାଇଥିଲା। ତେବେ ୨/୩ ମାସ ହେବ ଭାରାର କୌଣସି ଆବଶ୍ୟକତା ନ ଥିଲେ ମଧ୍ୟ ଏହାକୁ ଖୋଲା ଯାଇ ନ ଥିଲା। ଏଥିଯୋଗୁ ବିଭିନ୍ନ ସମୟରେ ଭକ୍ତଙ୍କୁ ହଇରାଣ ହେବାକୁ ପଡୁଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ କାରୁକାର୍ଯ୍ୟ ଦେଖିବାରେ ସମସ୍ୟା ଉପୁଜୁଛି। ସେହିପରି ମାଙ୍କଡ଼ମାନେ ବି ଭକ୍ତଙ୍କୁ ହଇରାଣ କରୁଛନ୍ତି। କୌଣସି ଭକ୍ତ ଯଦି ମନିପର୍ସ, ଭୋଗ ପୁଡ଼ିଆ କିମ୍ବା ଅନ୍ୟ କିଛି ସାମଗ୍ରୀ ଧରି ଯଦି ଅସାବଧାନତାରେ ଥିବେ ତେବେ ତାଙ୍କ ହାତରୁ ଏହାକୁ ମାଙ୍କଡ଼ ଛଡାଇ ନେଇ ଏହି ଭାରା ଦେଇ ଉପରକୁ ପଳାଇଯାଉଛନ୍ତି। ଭାରା ନ ଥିବାବେଳେ ମାଙ୍କଡ଼ କୌଣସି ସାମଗ୍ରୀ ନେଇ ମନ୍ଦିର ଉପରକୁ ଚଢିବା ବେଳେ ତାହା ଖସି ପଡୁଥିଲା। ମାତ୍ର ବର୍ତ୍ତମାନ ଭାରା ଦେଇ ଉପରକୁ ଉଠିଯିବା ସହଜ ହେଉଛି। ସେହିପରି ଏହି ଲୁହା ଭାରା ମାଧ୍ୟମରେ ସମ୍ପୃକ୍ତ ନାବାଳକ ମଧ୍ୟ ସହଜରେ ନୀଳଚକ୍ର ପର୍ଯ୍ୟନ୍ତ ଚଢିଯାଇଥିଲେ। ସେଠାରୁ ଏକ ବାନା ଛିଡ଼ାଇ ଆଣିବା ସହ ଏକ ପୁରୁଣା ଗାମୁଛା ବାନ୍ଧି ଦେଇଥିଲେ। ସୋମବାରଠାରୁ ଲୁହା ଭାରା ଖୋଲିବା କାମ ଆରମ୍ଭ ହୋଇଛି। ୧୨ଜଣ ଶ୍ରମିକ ଏଥିରେ ନିୟୋଜିତ ହୋଇଥିଲେ। ଶ୍ରମିକମାନେ ଦକ୍ଷିଣ ପାର୍ଶ୍ୱରୁ ପ୍ରଥମେ ଭାରା ଖୋଲିବା ଆରମ୍ଭ କରିଛନ୍ତି। ପ୍ରଥମ ଦିନରେ ଦଧିନଉତି ଚତୁଃପାର୍ଶ୍ୱ ଖୋଲି ଦିଆଯାଇଛି। ଏହି ଭାରା ସମ୍ପୂର୍ଣ୍ଣ ଖୋଲିବାକୁ ପ୍ରାୟ ୮ରୁ ୧୦ଦିନ ଲାଗିବ ବୋଲି ଏଏସ୍‌ଆଇର କନିଷ୍ଠ ସଂରକ୍ଷଣ ସହାୟକ ଜ୍ୟୋତିରଞ୍ଜନ ପ୍ରଧାନ କହିଛନ୍ତି। ତେବେ ଶ୍ରମିକମାନଙ୍କ ମଧ୍ୟରୁ କେତେଜଣ ଗାମୁଛା ପିନ୍ଧିଥିବାବେଳେ ଅନ୍ୟ କେତେଜଣ ପ୍ୟାଣ୍ଟଶାର୍ଟ ପିନ୍ଧି ଭାରାରେ ଚଢିଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ପ୍ରଧାନ କହିଛନ୍ତି ଯେ, ଏଏସ୍‌ଆଇର କିଛି କର୍ମଚାରୀ ପ୍ରଥମେ କେଉଁପଟୁ ଭାରା ଖୋଲାଯିବ ତାହା ଦେଖିବାକୁ ଯାଇଥିଲେ। କିନ୍ତୁ ସେମାନେ ମନ୍ଦିର ବେଢି ଉପରକୁ ଯାଇ ନ ଥିଲେ। ଶ୍ରୀମନ୍ଦିର ପରିମ୍ପରା ସହ ଏଏସ୍‌ଆଇ ଭଲ ଭାବେ ଅବଗତ ଥିବା ସେ ପ୍ରକାଶ କରିଛନ୍ତି।



ଶ୍ରୀମନ୍ଦିର ଦକ୍ଷିଣ ପାର୍ଶ୍ୱରୁ ଶ୍ରମିକମାନେ ଲୁହା ଭାରା ଖୋଲୁଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ । ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଅରୁଣ



ନିହାରିକା



ମନୋଜ



ସୋମନାଥ



ଶାଶ୍ୱତ



ପ୍ରଶାନ୍ତ



ସକଲିନ୍



ଶକ୍ତି



ଯେଉଁମାନେ ଭଗବାନ ବିଶ୍ୱାସୀ ସେମାନେ ପ୍ରକୃତ ଜ୍ଞାନ ହାସଲ ପାଇଁ ବ୍ୟାକୁଳ ହୋଇଉଠନ୍ତି।
-କ୍ୱାର୍ଲସ



# ନିର୍ବାଚନ: ୫ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା

**କଟକ ଅଫିସ୍, ୨୨।୪**

ମଙ୍ଗଳବାର ୬ଟି ଲୋକ ସଭା ଓ ୪୨ ବିଧାନସଭା ଆସନ ପାଇଁ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। କଟକ ଓ ଭୁବନେଶ୍ୱରେ ନିର୍ବାଚନ ହେବାକୁ ଥିବାବେଳେ ସୁରକ୍ଷା ଦୃଷ୍ଟିରୁ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ମୋଟ୍ ୫ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ସମ୍ବେଦନଶୀଳ ବୁଥ୍‌ଗୁଡିକରେ ସିଏପିଏଫ୍‌ର ଯବାନମାନଙ୍କୁ ନିୟୋଜିତ କରାଯିବ ବୋଲି ସୋମବାର ଡିପିସି ଅଖିଳେଶ୍ୱର ସିଂ ସୂଚନା ଦେଇଛନ୍ତି।

ଡିସିପିଙ୍କ ସୂଚନା ଅନୁଯାୟୀ, ପ୍ରଥମତଃ ବୁଥ୍‌ସ୍ତରରେ ହୋମଗାର୍ଡ, କନଷ୍ଟେବଲ, ଗ୍ରାମରକ୍ଷୀମାନଙ୍କୁ ନିୟୋଜିତ କରାଯିବ। ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ୫୦ଟି ମୋବାଇଲ ପାଟ୍ରୋଲିଂ ଟିମ୍ ସଜାଗ ରହିବେ। ନିର୍ବାଚନ ହେବାକୁ ଥିବା ସ୍ଥାନଗୁଡିକୁ ମୋଟ୍ ୨୨ଟି ସେକ୍ଟରରେ ବିଭକ୍ତ କରାଯାଇଛି। ଏହି ୨୨ଟି ସେକ୍ଟରରେ ୨୨ ଜଣ ଇନ୍ସପେକ୍ଟରଙ୍କୁ ନିଯୁକ୍ତ କରାଯିବ। ଏହା ଉପରେ ୧୦ ଜଣ ଏସିପି ରହିବେ। ଜଣେ ଲେଖାଏ ଏସିପିଙ୍କୁ ଗୋଟିଏ ଅବା ୨ଟି ଥାନା ଉପରେ ନଜର ରଖିବାକୁ କୁହାଯାଇଛି। ତେବେ ନିର୍ବାଚନ ଅଞ୍ଚଳକୁ ମୋଟ୍ ୪ ଭାଗରେ ବିଭକ୍ତ କରାଯାଇଥିବା ବେଳେ ୪ ଜଣ ଅତିରିକ୍ତ ଡିସିପିଙ୍କୁ ଏହାର ଦ୍ୱାୟିତ୍ୱ ଦିଆଯାଇଛି। ମୋଟ୍ ଉପରେ ଡିସିପି ନିଜେ ସମ୍ପୂର୍ଣ୍ଣ ଦାୟୀତ୍ୱରେ ରହିବେ। ଏହାଛଡା ୧୧ ପ୍ଲାଟୁନ୍ ପୋଲିସ ଫୋର୍ସ, ୪ ପ୍ଲାଟୁନ୍ ସିଏପିଏଫ୍ ଫୋର୍ସ, ଆନ୍ଧ୍ରର କିଛି ପ୍ଲାଟୁନ ପୋଲିସ ଆସିଥିବା ବେଳେ ତାଙ୍କୁ ମଧ୍ୟ ନିଯୁକ୍ତ କରାଯିବ। ନିର୍ବାଚନ ହେବାକୁ ଥିବା ବୁଥ୍‌ଗୁଡିକ ମଧ୍ୟରୁ ୨୩୪ଟିକୁ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ଉକ୍ତ ବୁଥ୍‌ଗୁଡିକରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ସିଆରପିଏଫ୍‌ର ଯବାନମାନଙ୍କୁ ସେଠାରେ ନିୟୋଜିତ କରାଯିବ। ସେହିପରି ପାଟ୍ରୋଲିଂକୁ କଡାକଡା କରାଯିବା ସହ ନିର୍ବାଚନ ମଣ୍ଡଳୀ ଭିତରକୁ ଯିବା ଆସିବା ପାଇଁ ଥିବା ମୁଖ୍ୟ ରାସ୍ତାଗୁଡିକରେ ସବୁ ଗାଡିକୁ ଯାଞ୍ଚ କରାଯିବ। ବେଆଇନ ମଦ ଓ ଟଙ୍କା କାରବାର ରୋକିବା ପାଇଁ ପୋଲିସ ସଜାଗ ରହିବ ବୋଲି ଡିସିପି କହିଛନ୍ତି। ତେବେ ଜନସାଧାରଣଙ୍କୁ ନିର୍ଭୟରେ ଆସି ମତଦାନ କରିବାକୁ ଡିସିପି ଆଶ୍ୱାସନା ଦେଇଛନ୍ତି।

- ୨୩୪ ସମ୍ବେଦନଶୀଳ ବୁଥ୍
- ମୁତୟନ ହେବେ ୧୫ ପ୍ଲାଟୁନ୍ ଫୋର୍ସ
- ସମ୍ବେଦନଶୀଳ ବୁଥରେ ନିୟୋଜିତ ହେବେ ଯବାନ
- ନିର୍ଭୟରେ ଭୋଟଦେବାକୁ ପୋଲିସର ଆଶ୍ୱାସନା




ଭୋଟର ସଚେତନତା ନେଇ ସିଡ଼ିଏ ନେତାଜୀ ସେତୁ ପାର୍ଶ୍ୱରେ ଶିଳ୍ପୀ ସିଦ୍ଧାର୍ଥ ବେହେରାଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ସଂକ୍ଷେପରେ

### ନିର୍ବାଚନ ଡ୍ୟୁଟି ବେଳେ ଗ୍ରାମରକ୍ଷୀଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ, ୨୨।୪:** ଖୋର୍ଦ୍ଧାରେ ନିର୍ବାଚନ ଡ୍ୟୁଟି କରୁଥିବା ସମୟରେ ଜଙ୍କିଆ ଥାନା ସିକୋ ଫାଣ୍ଡି କମାଗୁରୁ ଗ୍ରାମର କୁଳମଣି ବାରିକ(୫୫)ଙ୍କ ସୋମବାର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, କୁଳମଣି ସିକୋ ଫାଣ୍ଡିରେ ଗ୍ରାମରକ୍ଷୀ ଭାବେ କାର୍ଯ୍ୟ କରୁଥିଲେ। ସେ ନିର୍ବାଚନ ଡ୍ୟୁଟିରେ ଥିବା ବେଳେ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ କେତେଜଣ ପୋଲିସ କର୍ମଚାରୀ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଅଂଶୁଘାତ ପ୍ରଭାବରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟ ଜଣାପଡିବ।

### ପୋଲିସର ଫ୍ଲାଗ୍‌ମାର୍ଚ୍ଚ ଜାରି

**କଟକ ଅଫିସ୍, ୨୨।୪:** ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ନିର୍ବାଚନ କଟକରେ ହେବାକୁ ଥିବାବେଳେ କମିଶନରେଟ୍ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ ଜାରି ରହିଛି। ସୋମବାର ଚାଉଳିଆଗଞ୍ଜ, ୪୨ ମୌଜା, ବାଦାମବାଡି, ମଧୁପାଟଣା ଆଦି ଅଞ୍ଚଳରେ ପୋଲିସ ଫ୍ଲାଗମାର୍ଚ୍ଚ କରିଛି। ଏଥିରେ ଥାନା ଅଫିସର, ପୋଲିସ ଫୋର୍ସ ଏବଂ ସିଏପିଏଫ୍ ଯବାନମାନେ ସାମିଲ ହୋଇଥିଲେ। ସବୁ ଥାନା ଅଧୀନରେ ୧ଘଣ୍ଟାରୁ ୨ ଘଣ୍ଟା ପର୍ଯ୍ୟନ୍ତ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିବା ଜଣାପଡିଛି।

### ୩୭ ବୁଥ୍‌ରେ ୩୨ ହଜାର ଭୋଟର ମତଦାନ କରିବେ

**ନରାଜ/କଟକ ଅଫିସ, ୨୨।୪:** ମଙ୍ଗଳବାର କଟକ ଜିଲାରେ ତୃତୀୟ ପର୍ଯ୍ୟାୟ ମତଦାନ ହେବ। ଏହି ପରିପ୍ରେକ୍ଷୀରେ ବାଙ୍କୀ ନିର୍ବାଚନମଣ୍ଡଳୀ ଅଧୀନ ଦାଢାପାଟଣା, ଶ୍ରୀବନ୍ତପୁର, ମଧୁପୁର, ବେଲଗଛିଆ, କୁହ୍ନେଇପଡା, ରାମଦାସପୁର, ନରାଜ ଓ ମୁଣ୍ଡଳୀ ପଞ୍ଚାୟତର ୩୭ଟି ବୁଥ୍‌ରେ ୩୨, ୧୬୬ ଜଣ ଭୋଟର ମତଦାନ କରିବେ। ସେଥିମଧ୍ୟରେ ପୁରୁଷଙ୍କ ସଂଖ୍ୟା ୧୬,୩୭୯ ଓ ମହିଳାଙ୍କ ସଂଖ୍ୟା ୧୫, ୭୮୬ ଅନ୍ୟାନ୍ୟ ୧ ବୋଲି ଜଣାପଡିଛି।

### ବଜ୍ରପାତରେ ୪ ମଇଁଷି ମୃତ

**ନିଶ୍ଚିନ୍ତକୋଇଲି, ୨୨।୪(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକରେ ରବିବାର ରାତ୍ରିରେ ହଠାତ୍ କାଳବୈଶାଖୀ ଆସି ବଜ୍ରପାତ ହେବା ସହ ବର୍ଷା ହୋଇଥିଲା। ଏହି ବଜ୍ରପାତରେ ଉତ୍ତରକୂଳ ପଞ୍ଚାୟତ ଅନ୍ତର୍ଗତ ମୁଗୁରିଆ ଗ୍ରାମର ଖତୁ ଦାସଙ୍କ ୪ଟି ମଇଁଷି ମୃତ୍ୟୁ ଘଟିଛି। ବର୍ଷା ସମୟରେ ଏହି ମଇଁଷିଗୁଡିକ ପାଇକା ନଦୀ ପଠାରେ ବିଶ୍ରାମ ନେଉଥିବା ବେଳେ ଏହି ଘଟଣା ଘଟିଥିବା ଜଣାପଡିଛି। ସେହିପରି ପ୍ରବଳ ବର୍ଷାରେ ସ୍ଥାନୀୟ ଅଞ୍ଚଳରେ ବହୁ ଫସଲ ମଧ ନଷ୍ଟ ହୋଇଥିବା ନେଇ ଚାଷୀଙ୍କ ନିକଟରୁ ସୂଚନା ମିଳିଛି।

## ଆକ୍ରୋଶମୂଳକ ଭାବେ କର୍ମୀମାନଙ୍କୁ ଗିରଫ କରିବା ଘଟଣା
# ଥାନା ଆଗରେ କଂଗ୍ରେସ ପ୍ରାର୍ଥୀଙ୍କ ଧାରଣା



**ଚୌଦ୍ୱାର, ୨୨।୪(ଡି.ଏନ୍.ଏ.)**

ଚୌଦ୍ୱାର ଅଞ୍ଚଳର କେତେଜଣ କଂଗ୍ରେସ କର୍ମୀଙ୍କୁ ସ୍ଥାନୀୟ ପୋଲିସ ଆକ୍ରୋଶମୂଳକ ଭାବେ ଗିରଫ କରିଥିବା ନେଇ ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଜଗଦୀଶ ମହାନ୍ତି ଅଭିଯୋଗ କରିଛନ୍ତି। ତୁରନ୍ତ ସେମାନଙ୍କୁ ଛାଡିବା ପାଇଁ ଦାବିକରି ସୋମବାର ଅପରାହ୍ନରେ ଜଗଦୀଶ ଚୌଦ୍ୱାର ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ମଙ୍ଗଳବାର କଟକ ଜିଲାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ହେବାକୁ ଥିବାବେଳେ ଏକ ଜାତୀୟ ଦଳର ବିଧାୟକ ପ୍ରାର୍ଥୀ ଥାନା ସମ୍ମୁଖରେ ଧାରଣାରେ ବସିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଜଗଦୀଶଙ୍କ କହିବାନୁଯାୟୀ, ନିର୍ବାଚନକୁ ଆଖି ଆଗରେ ରଖି ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗରେ ଚୌଦ୍ୱାର ପୋଲିସ ୩୫ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୨୬ ଜଣ କଂଗ୍ରେସ କର୍ମୀ ଅଛନ୍ତି। ପୋଲିସ ତୁରନ୍ତ ସେମାନଙ୍କୁ ଛାଡ଼ିବା, ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବା ଏବଂ ମତଦାନ ସମୟରେ ଗଣ୍ଡଗୋଳ କରିବା ସମ୍ଭାବନା ଥିବାରୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଆଉ ୮ଜଣଙ୍କୁ ଗିରଫ କରାଯାଉ ବୋଲି ସେ ଦାବି କରିଛନ୍ତି। ଆଇଆଇସି ପଦ୍ମନାଭ ପ୍ରଧାନ ତାଙ୍କ ସହିତ ଆଲୋଚନା କରିବା ପରେ ସେ ଧାରଣାରୁ ଉଠିଥିଲେ। ଏ ନେଇ ଆଇଆଇସି ପ୍ରଧାନ କହିଛନ୍ତି, ଆମେ କୌଣସି କର୍ମୀଙ୍କୁ ଆକ୍ରୋଶମୂଳକ ଭାବେ ଗିରଫ କରିନାହିଁ। ସୂଚନାଯୋଗ୍ୟ, ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ କମିଶନରେଟ ପୋଲିସ ଆପରାଧିକ ରେକର୍ଡଥିବା ବ୍ୟକ୍ତିଙ୍କୁ ସିଆରପିସିର ୧୦୭ ଦଫାରେ ଗିରଫଦାରି ଜାରି ରଖିଛି।

## ବିଶ୍ୱ ଧରିତ୍ରୀ ଦିବସ

**ଚୌଦ୍ୱାର,୨୨।୪(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବେରେଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେରେ ବିଶ୍ୱ ଧରିତ୍ରୀ ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ଚୌଦ୍ୱାର ବନପାଳ ରବି ନାରାୟଣ ମହାନ୍ତି, ବସନ୍ତ ବେହେରା, ବନରକ୍ଷୀ କୃଷ୍ଣଚନ୍ଦ୍ର ଟୁଡୁ ଅତିଥିଭାବେ ଯୋଗଦେଇଥିଲେ।ଏଥିରେ ପରିବେଶବିତ୍ ଗମନ କଳାଙ୍କ ପୌରୋହିତ୍ୟ କରିଥିବା ବେଳେ ସମିତି ସଭାପତି ରାମସିଂ ହେସା ଧନ୍ୟବାଦ ଦେଇଥିଲେ।

# ଏସ୍‌ସିବି ଟ୍ରମା କେୟାର ୟୁନିଟ୍ ଉନ୍ନତୀକରଣ ହେବ

**କଟକ ଅଫିସ, ୨୨।୪**

**ବୁଲିଲେ କେନ୍ଦ୍ରୀୟ ପ୍ରତିନିଧି**

ଏସ୍‌ସିବି ସମେତ ଦେଶର ଅନ୍ୟ ଟ୍ରମା କେୟାର ୟୁନିଟ୍‌ଗୁଡ଼ିକର ଉନ୍ନତୀକରଣ ଓ ସୁଦୃଢୀକରଣ କରାଯିବ। ମୁଖ୍ୟତଃ ଦୁର୍ଘଟଣାର ଶିକାର ହୋଇ ଆସୁଥିବା ରୋଗୀମାନେ ଟ୍ରମା କେୟାର ୟୁନିଟ୍‌ରେ ଭର୍ତ୍ତି ହୋଇଥାନ୍ତି। ତେଣୁ ଏହି ରୋଗୀମାନଙ୍କ ପାଇଁ ଦୁର୍ଘଟଣାର ପ୍ରଥମ ୧ ଘଣ୍ଟାକୁ ଗୋଲ୍‌ଡେନ ଆୱାର ଭାବେ ଡାକ୍ତରମାନେ ବିବେଚନା କରିଥାନ୍ତି। ଅର୍ଥାତ୍ ଯେକୌଣସି ସାଂଘାତିକ ଦୁର୍ଘଟଣାର ଶିକାର ରୋଗୀ ଯଦି ୧ ଘଣ୍ଟା ମଧ୍ୟରେ ଟ୍ରମା କେୟାର ୟୁନିଟ୍‌ରେ ପହଞ୍ଚିବାରେ ସକ୍ଷମ ହୋଇଥାନ୍ତି ତେବେ ତାଙ୍କୁ ବଞ୍ଚାଇବା ଉଦ୍ୟମ ଅନେକାଂଶରେ ସଫଳ ହୋଇଥାଏ। ହେଲେ ଦେଶରେ ଥିବା ଟ୍ରମା କେୟାର ୟୁନିଟ୍‌ଗୁଡ଼ିକରେ ଭିତ୍ତିଭୂମିର ଘୋର ଅଭାବ ରହିଛି। ଦୁର୍ଘଟଣାରେ ଶିକାର ହୋଇ ଆସୁଥିବା ରୋଗୀମାନେ ଗୋଟିଏ ସ୍ଥାନରେ ସେ ଆବଶ୍ୟକ କରୁଥିବା ପ୍ରାଥମିକ ଚିକିତ୍ସା ପାଇବା ବଦଳରେ ବିଭିନ୍ନ ବିଭାଗ ଘୁରି ବୁଲୁଛନ୍ତି। ଫଳରେ ଦୁର୍ଘଟଣା ମୃତ୍ୟୁହାର ଅଧିକ ରହୁଛି। ଏହି ଭିତ୍ତିଭୂମିର ସୁଧାର ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଛି। ଏଥିନିମନ୍ତେ ଦେଶବ୍ୟାପୀ ଏକ ସର୍ଭେ କରାଯାଉଛି। ଏହି କ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏସ୍‌ସିବିକୁ ପ୍ରତିନିଧି ଭାବେ ବମ୍ବେର ହେଲ୍‌ଥ କନ୍‌ସଲ୍‌ଟାଣ୍ଟ ଡା. ରୀତା ସାଭିଆ ପରିଦର୍ଶନରେ ଆସିଥିଲେ। ମେଡିକାଲର କାଜୁଆଲିଟି, ନ୍ୟୁରୋସର୍ଜରୀ, ଅର୍ଥୋପେଡିକ୍ ଓ ଟ୍ରମା କେୟାର ୟୁନିଟ୍ ପରିଦର୍ଶନ କରିବା ପରେ ଏକ ବୈଠକରେ ଯୋଗଦେଇଥିଲେ। ଏସ୍‌ସିବି ଅଧୀକ୍ଷକଙ୍କ ଚାମ୍ବରରେ ଆୟୋଜିତ ବୈଠକରେ ଡା. ସାଭିଆଙ୍କ ସମେତ ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତି, ଟ୍ରମା କେୟାର ସେଣ୍ଟରର ନୋଡାଲ ଅଫିସର, ପ୍ରଫେସର ଡା. ଇନ୍ଦୁଭୂଷଣ କର ଓ ମେଡିକାଲ ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା ପ୍ରମୁଖ ଯୋଗଦେଇଥିଲେ। ସୂଚନାଥାଉ କି, ୧୦ ବର୍ଷ ତଳେ ଏସ୍‌ସିବିରେ ଟ୍ରମା କେୟାର ୟୁନିଟ୍ ଖୋଲାଯାଇଥିଲା। ୪୪ଟି ସାଧାରଣ ବେଡ୍ ଓ ୧୪ଟି ଆଇସିୟୁ ବେଡ୍‌କୁ ନେଇ ଗଠିତ ଏହି ୟୁନିଟ୍ ଆରମ୍ଭ ହେବାର ପ୍ରଥମ ୫ ବର୍ଷ କେନ୍ଦ୍ର ସରକାରଙ୍କ ତତ୍ତ୍ୱାବଧାନରେ ରହିଥିଲା। ପରେ ଏହି ୟୁନିଟ୍‌ର ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ ଅଛି। ତେବେ ଏହି ୟୁନିଟ୍‌ର ଭିତ୍ତିଭୂମିରେ ଥିବା ଦୁର୍ବଳତାକୁ ଚିହ୍ନଟ କରାଯାଇ ସରକାରଙ୍କୁ ରିପୋର୍ଟ ଦିଆଯିବ। ଏହାପରେ ରିପୋର୍ଟ ଅନୁଯାୟୀ ଏହାର ଉନ୍ନତୀକରଣ କରାଯିବ ବୋଲି ସାଭିଆ କହିଛନ୍ତି।

# କୃଷ୍ଣପ୍ରସାଦରେ ଅଶାନ୍ତ ସମୁଦ୍ର

## ଲଙ୍ଘୁଛି କୂଳ: ଭାଙ୍ଗୁଛି ଡଙ୍ଗା, ମତ୍ସ୍ୟଜୀବୀ ହରାଉଛନ୍ତି ଜୀବିକା

**କୃଷ୍ଣପ୍ରସାଦ, ୨୨।୪(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳ ରାମଲଙ୍କା ନିକଟସ୍ଥ ବଙ୍ଗୋପସାଗର କିଛିଦିନ ହେବ ଅଶାନ୍ତ ହୋଇପଡିଛି। ଦିନକୁ ଦିନ ଢେଉ ବୃଦ୍ଧି ପାଇ କୂଳ ଲଙ୍ଘିବାରେ ଲାଗିଛି। କୂଳ ଲଙ୍ଘନ ଯୋଗୁ ରାମଲଙ୍କା ନୋଳିଆପାଟଣା ଗ୍ରାମର ୯ ଜଣ ମତ୍ସ୍ୟଜୀବୀଙ୍କ ଡଙ୍ଗା (ଟିପା) ସମୁଦ୍ର ମଧ୍ୟକୁ ଚାଲିଯାଇଥିଲା। ସେଥିମଧ୍ୟରୁ ଜେ.ମଙ୍ଗଳା, ଗଣ୍ଡିଆ ବୈରାଗୀ ଏବଂ ଏଲିଗାଙ୍କ ବାଲି ଉପରେ ଥିବା ଡଙ୍ଗା କୂଳ ଖାଇଯିବା ଯୋଗୁ ସମୁଦ୍ର ମଧ୍ୟକୁ ପଶି ଭାଙ୍ଗି ନଷ୍ଟ ହୋଇଯାଇଛି। ସେହିଭଳି ଏହି ଗ୍ରାମର ଏସ୍. ନରସିଂହ, ଜି. କହ୍ନେଇ, ଜି. ଗଗନ, ଜେ.ରାଜେନ୍ଦ୍ର, କେ. କହ୍ନେଇ ଓ ଏସ୍. କ୍ରିଷ୍ଣାଙ୍କ ଡଙ୍ଗା ମଧ ସମୁଦ୍ର ଭିତରକୁ ପଶିଆସିଥିଲା। ଖବର ପାଇ ସେମାନେ ନିଜ ନିଜ ଡଙ୍ଗାକୁ ଉଦ୍ଧାର କରି ଆଣିଛନ୍ତି। ତେବେ ଭାଙ୍ଗି ଯାଇଥିବା ଗୋଟିଏ ଗୋଟିଏ ଡଙ୍ଗାର ମୂଲ୍ୟ ଆନୁମାନିକ ୫୦ ହଜାର ହେବ ବୋଲି ସ୍ଥାନୀୟ ମତ୍ସ୍ୟଜୀବୀ କହିଛନ୍ତି। ମତ୍ସ୍ୟଜୀବୀମାନେ ଡଙ୍ଗା ଯୋଗେ ସମୁଦ୍ର ମଧ୍ୟକୁ ଯାଇ ମାଛ, କଙ୍କଡ଼ା, ଚିଙ୍ଗୁଡ଼ି ଆଦି ଆଣି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ଏବେ ସେମାନଙ୍କ ଜୀବିକା ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ। ଏ ଘଟଣା ନେଇ ମତ୍ସ୍ୟଜୀବୀମାନେ ପୁରୀ ଜିଲା ମୁଖ୍ୟ ମତ୍ସ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରାଜେନ୍ଦ୍ର ବେହେରା ନାମକ ଜନୈକ ଗ୍ରାମବାସୀ କହିଛନ୍ତି ଯେ, ସମୁଦ୍ର ଯେଉଁଭଳି ଭାବେ କୂଳ ଖାଉଛି ସରକାର ଦୃଷ୍ଟି ନ ଦେଲେ କୃଷ୍ଣପ୍ରସାଦ ବ୍ଲକସ୍ଥ ବହୁ ଗ୍ରାମ ସମୁଦ୍ରରେ ଲୀନ ହୋଇପାରେ! ତେବେ ବର୍ତ୍ତମାନ ସରକାର ଭାଙ୍ଗିଯାଇଥିବା ଡଙ୍ଗାର କ୍ଷତିପୂରଣ ତୁରନ୍ତ ପ୍ରଦାନ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।



ଭାଙ୍ଗି ଯାଇଥିବା ଡଙ୍ଗା।

# ସେମିଷ୍ଟର ପରୀକ୍ଷାକୁ ନେଇ ବିଭିନ୍ନ କଲେଜରେ ପ୍ରତିବାଦ




ଖ୍ରୀଷ୍ଟ କଲେଜ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**କଟକ ଅଫିସ, ୨୨।୪**

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସ୍ନାତକ ମହାବିଦ୍ୟାଳୟଗୁଡ଼ିକରେ ୪ର୍ଥ ସେମିଷ୍ଟର ପରୀକ୍ଷା ଆସନ୍ତା ୪ରୁ ୧୦ ତାରିଖ ପର୍ଯ୍ୟନ୍ତ କରାଯିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯାହାକୁ ନେଇ ସୋମବାର ସହରର ସମସ୍ତ ମହାବିଦ୍ୟାଳୟରେ ପ୍ରତିବାଦ କରାଯାଇଛି। ପାଠପଢା ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ପରୀକ୍ଷା ଘୋଷଣା କରାଯାଇଛି। ଅଧ୍ୟାପିକାଅଧ୍ୟାପକମାନେ ଯୁକ୍ତ ଦୁଇ ପରୀକ୍ଷା, ସ୍ନାତକ ୬ଷ୍ଠ ସେମିଷ୍ଟର ପରୀକ୍ଷା ପରିଚାଳନା କରିବା ପରେ ନିର୍ବାଚନ ନିମନ୍ତେ ଟ୍ରେନିଂରେ ଥିଲେ। ଫଳରେ ସିଲାବସ୍ ଅଧାରୁ ଅଧିକ ବାକି ରହିଛି ବୋଲି ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ନେତାଜୀ ସୁଭାଷ ମେମୋରିଆଲ ସିଟି କଲେଜର ଛାତ୍ର ସୌରଭ କୁମାର ଦାସ କହିଛନ୍ତି, ନିର୍ବାଚନ ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ନେଇ ଚିନ୍ତା କରାଯାଇନାହିଁ। ଏହି ପରିସ୍ଥିତିରେ ହଠାତ୍ ପରୀକ୍ଷା ଘୋଷଣା କରାଯିବା ଅନୁଚିତ୍ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ସିଟି କଲେଜ ସମେତ, ଖ୍ରୀଷ୍ଟ ମହାବିଦ୍ୟାଳୟ, ଜେକେବିକେ ମହାବିଦ୍ୟାଳୟ, ଷ୍ଟିୱାର୍ଟ ମହାବିଦ୍ୟାଳୟ, ରଘୁନାଥଜୀଉ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ କମିଟି ସୋମବାର ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଭେଟିଥିବା ଜଣାପଡ଼ିଛି।

# ବହୁ ହେଭିୱେଟ୍‌ଙ୍କ ଭାଗ୍ୟ ପରୀକ୍ଷା

**କଟକ ଅଫିସ, ୨୨।୪**

ତୃତୀୟ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ମଙ୍ଗଳବାର ସକାଳୁ ମତଦାନ କରାଯିବ। କଟକ ଲୋକ ସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ୭ଟି ବିଧାନସଭା କ୍ଷେତ୍ରରେ ଭୋଟଗ୍ରହଣ ହେବ। ଫଳସ୍ୱରୂପ ଏହି ଲୋକ ସଭା ଅଧୀନରେ ଥିବା ବହୁ ହେଭିୱେଟ ନେତାଙ୍କର ଭାଗ୍ୟ ପରୀକ୍ଷା ହେବ। ସେମାନଙ୍କ ମଧ୍ୟରେ ରହିଛନ୍ତି ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ଦେବାଶିଷ ସାମନ୍ତରାୟ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଦେବୀ ପ୍ରସାଦ ମିଶ୍ର ପ୍ରମୁଖ। ସେହିପରି ଭାଜପାରୁ ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ସମେତ ଦଳର ଏମ୍‌ପି ପ୍ରାର୍ଥୀ ପ୍ରକାଶ ମିଶ୍ର ଓ ଦଳର ରାଜ୍ୟ ଉପସଭାପତି ନୟନ କିଶୋର ମହାନ୍ତି ପ୍ରମୁଖ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। କଂଗ୍ରେସ ଏମ୍‌ପି ପ୍ରାର୍ଥୀ ପଞ୍ଚାନନ କାନୁନ୍‌ଗୋ, ବିଧାୟକ ପ୍ରାର୍ଥୀ ଇଂ. ମହମ୍ମଦ ମୋକିମ, ଦେବାଶିଷ ପଟ୍ଟନାୟକଙ୍କ ଭାଗ୍ୟ ଭୋଟରମାନେ ନିର୍ଦ୍ଧାରଣ କରିବେ।

ନିର୍ବାଚନମଣ୍ଡଳୀ ୱାରି ଦେଖିଲେ କଟକ ଲୋକ ସଭା ଆସନରେ ୧୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ବଡ଼ମ୍ବା ବିଧାନସଭା କ୍ଷେତ୍ରରେ ୧୦, ବାଙ୍କୀରେ ୭, ବାରବାଟୀ-କଟକରେ ୯, ଚୌଦ୍ୱାର-କଟକରେ ୧୧, କଟକ ସଦରରେ ୫ ଓ ଆଠଗଡ଼ରେ ୧୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୦୧୪ ନିର୍ବାଚନରେ ମଧ କଟକ ଏମ୍‌ପି ଆସନରେ ୧୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତେବେ ଲଢେଇ ମୁଖ୍ୟତଃ ବିଜେଡି ଓ କଂଗ୍ରେସ ମଧ୍ୟରେ ହୋଇଥିଲା। ୨୦୧୪ ଫଳାଫଳ ଅନୁଯାୟୀ, ଭର୍ତ୍ତୃହରି ମୋଟ୍ ୫୨୬୦୮୫ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଅପରାଜିତା ମହାନ୍ତି ୨୧୯୩୨୩ ଖଣ୍ଡ ଭୋଟ ପାଇଥିଲେ। ସେହିପରି ଭାଜପା ପ୍ରାର୍ଥୀ ସମୀର ଦେ ୧୪୬୦୯୩ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ତେବେ ଚଳିତଥର ବିଜେଡି ଭର୍ତ୍ତୃହରିଙ୍କୁ ଷଷ୍ଠ ଥର ପାଇଁ କଟକ ଆସନରୁ ପ୍ରାର୍ଥୀ କରିଥିବାବେଳେ ଭାଜପା ଓ କଂଗ୍ରେସ ପ୍ରାର୍ଥୀ ପରିବର୍ତ୍ତନ କରିଛି। ଭାଜପା ସମ୍ପୂର୍ଣ୍ଣ ନୂଆ ମୁହଁ ଭାବେ ପୂର୍ବତନ ଡିଜିପି ପ୍ରକାଶ ମିଶ୍ରଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବେଳେ କଂଗ୍ରେସ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋଙ୍କୁ ପ୍ରାର୍ଥୀ କରିଛି।

୨୦୧୪ରେ ଏମ୍‌ପି ଭର୍ତ୍ତୃହରି ଆଠଗଡ଼ ବିଧାନସଭା କ୍ଷେତ୍ରରୁ ସର୍ବାଧିକ ୯୭୧୯୯ ଖଣ୍ଡ ଓ ବାରବାଟୀ-କଟକ ଆସନରୁ ସର୍ବନିମ୍ନ ୪୬୪୬୩ ଖଣ୍ଡ ଭୋଟ ପାଇଥିଲେ। ସେହିପରି ୨୦୧୪ରେ ଭାଜପା ପ୍ରାର୍ଥୀ ସମୀର ଦେ ବାରବାଟୀ-କଟକରୁ ୩୫୯୨୮ ଖଣ୍ଡ, ଚୌଦ୍ୱାର-କଟକରୁ ୩୫୪୨୦ ଓ କଟକ ସଦରରୁ ୩୨୭୭୮ ଖଣ୍ଡ ଭୋଟ ପାଇଥିଲେ। ଅର୍ଥାତ୍ କଟକ ସହରର ୩ଟି ବିଧାନସଭା ଆସନରେ ୨୦୧୪ରେ ଭାଜପା ନିଜର ସ୍ଥିତି ଜାହିର କରିଥିଲା। ୨୦୧୪ ନିର୍ବାଚନରେ ଏମ୍‌ପି ଆସନ ସମେତ ଉପରୋକ୍ତ ସମସ୍ତ ବିଧାନସଭା ଆସନ ବିଜେଡି ଦଖଲରେ ଥିଲା। କେବଳ ବାରବାଟୀ-କଟକ ଓ ଖଣ୍ଡପଡ଼ା ବିଧାନସଭା ଆସନକୁ ଛାଡ଼ିଦେଲେ ଅନେକ ଆସନରେ ବିଜେଡି ଏକପାଖିଆ ବିଜୟଲାଭ କରିଥିଲା। ମୁଖ୍ୟତଃ ଗତଥର ଅଧିକାଂଶ ବିଧାନସଭା ଆସନରେ କଂଗ୍ରେସ ବିଜେଡିର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଥିବାବେଳେ ଚଳିତଥର କଂଗ୍ରେସ ଜାଗାକୁ ଭାଜପା ଅକ୍ତିଆର କରିନେଇଛି। ମୋଟାମୋଟି ଭାବେ ଦେଖିଲେ କଟକ ଲୋକ ସଭା ଅଧୀନରେ ଥିବା ଆସନଗୁଡ଼ିକ ମଧ୍ୟରୁ ବାରବାଟୀ-କଟକ, ବାଙ୍କୀ ଓ ଆଠଗଡ଼ ବିଧାନସଭା କ୍ଷେତ୍ରରେ ବିଜେଡି କଂଗ୍ରେସ ସହିତ ମୁକାବିଲା କରୁଥିବାବେଳେ ଚୌଦ୍ୱାର-କଟକ, କଟକ ସଦର, ବଡ଼ମ୍ବା ଓ ଖଣ୍ଡପଡ଼ାରେ ଦଳ ଭାଜପା ସହିତ ମୁକାବିଲ କରୁଥିବା ଚର୍ଚ୍ଚା ହେଉଛି। ମିଳିଥିବା ରିପୋର୍ଟ ଅନୁଯାୟୀ, ଅଧିକାଂଶ ବିଧାନସଭା କ୍ଷେତ୍ରରେ କଡ଼ା ମୁକାବିଲା ହୋଇଥିବାବେଳେ ଏମ୍‌ପି ଆସନରେ ମଧ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ତେଣୁ ବିଧାନସଭା ସମେତ ଲୋକ ସଭାରେ ଶେଷ ପର୍ଯ୍ୟନ୍ତ ଚିତ୍ର ଅସ୍ପଷ୍ଟ ରହିଛି। ତେଣୁ କାହା ପଲା ଭାରି ଓ କିଏ ଆଗରେ ଅଛି ସେ ତଥ୍ୟ ଶେଷ ପର୍ଯ୍ୟନ୍ତ ସମୀକ୍ଷକମାନେ ଆକଳନ କରିବାରେ ବିଫଳ ହୋଇଛନ୍ତି। ଅନ୍ୟପକ୍ଷରେ ଉପରୋକ୍ତ ଆସନଗୁଡ଼ିକରେ ଥିବା ବୁଥ୍‌ଗୁଡ଼ିକ ମଧ୍ୟରୁ ୧୪୬ଟି ବୁଥ୍‌ରେ ମତଦାନ ସମୟରେ ୱେବକାଷ୍ଟିଂ କରାଯିବାକୁ ବ୍ୟବସ୍ଥା ହୋଇଛି। ସେହିପରି ୩୨୮ଟି ବୁଥ୍‌ରେ ସିସିଟିଭି କ୍ୟାମେରା ଓ ୪୨ଟି ସ୍ଥାନରେ ଭିଡିଓଗ୍ରାଫି କରାଯିବ। ଉପରୋକ୍ତ ସ୍ଥାନଗୁଡ଼ିକ ମଧ୍ୟରୁ ୧୯୨ଟି ବୁଥ୍‌ରେ ସିଆର୍‌ପିଏଫ୍ ଯବାନ ମୁତୟନ କରାଯିବାକୁ ବ୍ୟବସ୍ଥା ହୋଇଛି।

**ଆଜି ମତଦାନ**

**କଟକ ଲୋକ ସଭା ଅଞ୍ଚଳ**



ଯେଉଁ ଲୋକ ଦାନ କରିନାହିଁ, ସେ ଜୀବନରେ ପ୍ରକୃତ ସୌନ୍ଦର୍ଯ୍ୟ ଅନୁଭବ କରିନାହିଁ।
- ବାକନ



# ଡିଜିଟାଲ ଯୁଗରେ ପୁସ୍ତକର ସଂଘର୍ଷ

ସସ୍ମିତା ପାଇକରାୟ
ଭୁବନେଶ୍ୱର,୨୨।୪:

ପୁସ୍ତକ କାହା ପାଇଁ ମନୋରଞ୍ଜନର ମାଧ୍ୟମ ତ କାହା ପାଇଁ ଜ୍ଞାନର ପରିଭାଷା। ଭାଷା ଓ ବିଷୟ ଯାହା ହୋଇଥାଉ ନା କାହିଁକି, ମଣିଷ ପାଇଁ ଏହା ସୁଖଦୁଃଖର ସାଥୀ। ହେଲେ ସମୟ ସହ ତାଳଦେଇ ବଦଳିଛି ପୁସ୍ତକର ପରିଭାଷା। ତାଳପତ୍ର ଲେଖନୀରୁ ସୃଷ୍ଟି ହୋଇଥିବା ପୁସ୍ତକ ଏବେ ଡିଜିଟାଲ ଯୁଗରେ ପହଞ୍ଚିଛି। ଇଣ୍ଟରନେଟ୍ ଯୁଗରେ ଲୋକଙ୍କ ପଠନଶୈଳୀରେ ବହୁ ପରିବର୍ତ୍ତନ ଘଟିଥିବା ବେଳେ ବଜାରରୁ ବହିଟିଏ କିଣି ପଢ଼ିବାକୁ ଅନେକେ ଆଉ ଆଗ୍ରହ ଦେଖାଉଥିବା ଭଳି ମନେ ହେଉନାହିଁ। ଏହାସତ୍ତ୍ୱେ ବୈଷୟିକ ଜ୍ଞାନକୌଶଳ ସହ ତାଳମିଳାଇ ପୁସ୍ତକର ଗୁରୁତ୍ୱକୁ ବଜାୟ ରଖାଯିବାକୁ ଚେଷ୍ଟା କରାଯାଉଛି। ଡିଜିଟାଇଜେଶନ ମାଧ୍ୟମରେ ହେଉ କି ଇ-ବୁକ୍ ଦ୍ୱାରା ତାହା ପାଠକଙ୍କ ନିକଟରେ ପହଞ୍ଚିବାକୁ ଉଦ୍ୟମ ଜାରି ରହିଛି। ଏଭଳିସ୍ଥଳେ ପୁସ୍ତକର ଲୋକପ୍ରିୟତାକୁ ଆଉ କେତେପାଦ ଆଗକୁ ନେବାକୁ ଆରମ୍ଭ ହୋଇଛି ଏକ ନୂଆଧାରା। ଏଥିପାଇଁ ଏକାଧିକ ବୁକର୍ସ କ୍ଲବ ଗଢ଼ିଉଠିଥିବା ବେଳେ ବିଭିନ୍ନ ସମୟରେ ଆୟୋଜନ ହେଉଛି 'ବୁକ୍ ରିଡିଂ ସେସନ'। ସେହିଭଳି 'ୱାକିଂ ବୁକ୍ ଫେୟାର' ଭଳି କନ୍‌ସେପ୍ଟ ପୁସ୍ତକର ଲୋକପ୍ରିୟତାକୁ ପୂର୍ବବତ୍ ବଜାୟ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି।

## ଆଜି ବିଶ୍ୱ ପୁସ୍ତକ ଦିବସ



ଲୋକଙ୍କ ମଧ୍ୟରେ ପୁସ୍ତକ ପଠନ ଅଭ୍ୟାସକୁ ବଜାୟ ରଖିବାକୁ ଭୁବନେଶ୍ୱର, କଟକ ଭଳି ସହରରେ ଏବେ ବୁକ୍ ରିଡିଂ ସେସନ୍ ବା ପୁସ୍ତକ ପଠନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ବଡ଼ ବଡ଼ ବୁକ୍‌ଷ୍ଟୋର, କାଫେ ହାଉସ୍ ଓ ଲାଇବ୍ରେରିଗୁଡ଼ିକରେ ବୁକ୍ ରିଡିଂ ସେସନ୍ ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳୁଛି, ଯେଉଁଥିରେ ଗରମ ଗରମ କଫି ସହ ସମାନ ଚିନ୍ତାଧାରାର ଲୋକଙ୍କ ସହ ବସି ନିଜ ମନପସନ୍ଦର ବହି ପଢ଼ିବାର ଅବସର ମିଳୁଛି। ଉଭୟ ବୁକର୍ସ କ୍ଲବ ଏବଂ ବୁକ୍ ରିଡିଂ ସେସନ୍ ଧୀରେ ଧୀରେ ଏବେ ଓଡ଼ିଶାରେ ମଧ୍ୟ ଲୋକପ୍ରିୟତା ହାସଲ କରୁଛି। ଗତ ବର୍ଷେ ମଧ୍ୟରେ କେତେକ ସଂସ୍ଥା ଓ ଗ୍ରୁପ୍ ନିୟମିତ ବ୍ୟବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଏପରି କି, ସହରରେ ଏବେ ଏକାଧିକ ବୁକର୍ସ କ୍ଲବ ମଧ୍ୟ ଗଢ଼ିଉଠିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଏରିଏଲ୍ ଗ୍ରୁପ୍ ଦ୍ୱାରା ଏବେ ବିଭିନ୍ନ ସମୟରେ ବୁକ୍ ରିଡିଂ ସେସନ୍ ଆୟୋଜନ ହେଉଛି। ସେହିଭଳି ଭୁବନେଶ୍ୱରର

### ■ ବୁକ୍ ରିଡିଂ ସେସନ୍
### ଲେଖକ-ପାଠକଙ୍କୁ ଏକାଠି କରୁଛି

ପ୍ରମୁଖ ବୁକ୍‌ଷ୍ଟୋର ଅକ୍ସଫୋର୍ଡ ଓ ରିଡ୍‌ଆକ୍ସ ବୁକ୍ କ୍ଲବ୍ ପକ୍ଷରୁ ବଡ଼ ବଡ଼ ଲେଖକଙ୍କୁ ଡକାଯାଇ ଏଭଳି କାର୍ଯ୍ୟକ୍ରମ କରାଯାଉଛି। ପ୍ରତି ମାସରେ ଗୋଟିଏ କିମ୍ବା ଦୁଇଟି ସେସନ୍ କରାଯାଉଛି, ଯେଉଁଥିରେ ଦେଶର ବଡ଼ ବଡ଼ ଲେଖକ ଓ ସାହିତ୍ୟିକ ସାମିଲ ହେଉଛନ୍ତି। ସତ୍ୟନଗରରେ ଥିବା ବକୁଳ ଲାଇବ୍ରେରି ପକ୍ଷରୁ ମଧ୍ୟ ଅଧିକାଂଶ ସମୟରେ ପୁସ୍ତକ ପଠନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଲୋକଙ୍କ ମଧ୍ୟରେ ପଠନଶୈଳୀକୁ ଆଦୃତ କରିବା ପାଇଁ ପ୍ରତିଷ୍ଠା ହୋଇଥିବା ଏହି ପାଠାଗାର କେବଳ ବୟସ୍କଙ୍କ ମଧ୍ୟରେ ନୁହେଁ, ଛୋଟ ପିଲା ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମଧ୍ୟ ବହି ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି କରୁଛି।

କାଫେଗୁଡ଼ିକରେ ମଧ୍ୟ ଏହି କାର୍ଯ୍ୟକ୍ରମ ଏବେ ସାଧାରଣ ହେଲାଣି। ମାଷ୍ଟରକ୍ୟାଣ୍ଟିନରେ ରହିଥିବା ବୋକା କାଫେ ପକ୍ଷରୁ ପ୍ରତିମାସରେ ଥରେ ବହି ପଢ଼ିବା ପାଇଁ ସ୍ୱତନ୍ତ୍ର ଇଭେଣ୍ଟ ହେଉଛି। ନିକଟରେ ବିଶ୍ୱପ୍ରସିଦ୍ଧ ଲେଖକ ତଥା ଐତିହାସିକ ୱିଲିୟମ୍ ଡାର୍ଲିମ୍ପଲ୍ ଏଠାରେ ନିଜର ୪ ପୁସ୍ତକ ସହ ବୁକ୍ ରିଡିଂ ସେସନ୍‌ରେ ସାମିଲ ହୋଇଥିଲେ। ଏହାବ୍ୟତୀତ ବିଭିନ୍ନ ପ୍ରକାଶନୀ ସଂସ୍ଥା ପକ୍ଷରୁ ପୁସ୍ତକ ପଠନ କାର୍ଯ୍ୟକ୍ରମ କରାଯାଉଛି।

### ୱାକିଂ ବୁକ୍ ଫେୟାର
### ୫ ବର୍ଷରେ ୩୫ ହଜାର କିଲୋମିଟର ଯାତ୍ରା

ବିବିସି, ଲୋନ୍‌ଲି ପ୍ଲାନେଟ୍ ଭଳି ଶହେରୁ ଅଧିକ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରୀୟ ଗଣମାଧ୍ୟମରେ ଭୁବନେଶ୍ୱରର ଶତାବ୍ଦୀ ଓ ଅକ୍ଷୟଙ୍କ ଲେଖା ପ୍ରକାଶ ପାଇଛି। ସେମାନେ ବର୍ତ୍ତମାନର ଡିଜିଟାଲ ଯୁଗରେ ପୁସ୍ତକର ସ୍ଥିତିକୁ ବଜାୟ ରଖିବାକୁ ୫ବର୍ଷ ହେଲା ଉଦ୍ୟମ ଜାରି ରଖିଛନ୍ତି। ତଦନୁଯାୟୀ ଓଡ଼ିଶାର କୋଣ ଅନୁକୋଣରେ ପୁସ୍ତକ ଉପଲବ୍ଧ କରାଇବା ଓ ଲୋକଙ୍କୁ ଏ ନେଇ ସଚେତନ କରିବାକୁ ୨୦୧୪ରେ ଏକ ମାରୁତି ଓମିନିରେ ଆରମ୍ଭ ହୋଇଥିବା 'ୱାକିଂ ବୁକ୍ ଫେୟାର' ଏବେ ବିଶ୍ୱରେ ଏକ ଜଣାଶୁଣା ନାଁ ହୋଇପାରିଛି। ୨୦୧୪ରୁ ୨୦୧୯ ମଧ୍ୟରେ ୩୫ ହଜାର କିଲୋମିଟରରୁ ଅଧିକ ରାସ୍ତା ଅତିକ୍ରମ କରି 'ୱାକିଂ ବୁକ୍ ଫେୟାର' ଦେଶର ଆଭ୍ୟନ୍ତରୀଣ ଅଞ୍ଚଳରେ ଅପହଞ୍ଚ ପୁସ୍ତକମାନ ପହଞ୍ଚାଇଛି। ୨ ଥର ଇଣ୍ଡିଆ ଟୁର୍ ସହ 'ପୋଏମ୍‌ସ ଅନ୍ ଦି ରୋଡ୍' ଓ '୩୬୫ ଡେଜ୍, ୩୬୫ ବୁକ୍' ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ବହି ପଢ଼ିବାକୁ ସଚେତନ କରାଇଛି। ପ୍ରତିମାସରେ ଭୁବନେଶ୍ୱରରେ ବୁକ୍ ଲଞ୍ଚ୍, ବୁକ୍ ରିଡିଂ ଓ ପୋଏମ୍ ରିଡିଂ କାର୍ଯ୍ୟକ୍ରମ ସହ ଏକ ଅତ୍ୟାଧୁନିକ ଲାଇବ୍ରେରି ଓ ବର୍ଷତମାମ୍ ୨୦ ପ୍ରତିଶତ ରିହାତିରେ ଲୋକଙ୍କୁ ପୁସ୍ତକ ଦେଉଛି। କେବଳ ଏତିକି ନୁହେଁ, ଓଡ଼ିଶାରେ ପ୍ରଥମଥର ପାଇଁ 'ବୁକ୍ ସ୍ୱାପ୍' କାର୍ଯ୍ୟକ୍ରମ ଭଳି ଏକ ସମ୍ପୂର୍ଣ୍ଣ ନୂଆ କନ୍‌ସେପ୍ଟ ଏହା ଆରମ୍ଭ କରିବାକୁ ଯାଉଛି। ସହରାଞ୍ଚଳରେ ଲୋକେ ଆଜିକାଲି ଇ-ବୁକ୍ ପଢ଼ିବାକୁ ପସନ୍ଦ କରୁଥିବା ବେଳେ ଗ୍ରାମାଞ୍ଚଳରେ କେବଳ ପାଠ୍ୟପୁସ୍ତକକୁ ଛାଡ଼ିଦେଲେ ଅନ୍ୟାନ୍ୟ ଉପଯୋଗୀ ପୁସ୍ତକ ଅପହଞ୍ଚ ହେଉଛି। ଗଳ୍ପ, ଉପନ୍ୟାସ, ଗବେଷଣାତ୍ମକ ପୁସ୍ତକ ପାଇବା ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ସ୍ୱପ୍ନ। ଏପରିସ୍ଥଳେ ଲୋକଙ୍କ ମଧ୍ୟରେ ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ୱାକିଂ ବୁକ୍ ଫେୟାର ଉଦ୍ୟମ କରୁଥିବା ଅକ୍ଷୟ କହିଛନ୍ତି।

## ସଂକ୍ଷେପରେ

### ପିପିଲି ପାଇଁ ଅଧିକ ଫୋର୍ସ

**ପୁରୀ ଅଫିସ,୨୨।୪:** ନିର୍ବାଚନ ପାଇଁ ପୁରୀ ଜିଲାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଭୋଟ ଗ୍ରହଣ ଅବ୍ୟବହିତ ପୂର୍ବରୁ ସୋମବାର ପିପିଲି ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ପ୍ରଦୀପ ମହାରଥୀ ଗିରଫ ହେବା ପରେ ଏହି ନିର୍ବାଚନ ମଣ୍ଡଳୀ ଫୋକସରେ ରହିଛି। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ୯୮ଟି ମୋବାଇଲ ସ୍କ୍ୱାଡ୍ ଗଠନ କରାଯିବା ସହ ୪ କମ୍ପାନୀ ପୋଲିସ ଫୋର୍ସଙ୍କୁ ନିୟୋଜିତ କରାଯାଇଛି। ପ୍ରତି ନିର୍ବାଚନମଣ୍ଡଳୀ ପାଇଁ ଗୋଟିଏ କମ୍ପାନୀ ଫୋର୍ସ ରହିଥିବାବେଳେ ପିପିଲି ପାଇଁ ଅଧିକ ଗୋଟିଏ କମ୍ପାନୀ ଫୋର୍ସ ପଠାଯାଇଛି। ଏତଦ୍‌ବ୍ୟତୀତ ୨୦ ସେକ୍ସନ ଫୋର୍ସ ରହିଥିବାବେଳେ ପିପିଲି ଓ ଡେଲାଙ୍ଗ ଅଞ୍ଚଳରେ ଆନ୍ଧ୍ର ପୋଲିସ ମୁତୟନ କରାଯାଇଛି। ଉତ୍ତେଜନାପ୍ରବଣ ବୁଥ୍‌ରେ ସିଆର୍‌ପିଏଫ୍ ଏବଂ ବିଏସ୍‌ଏଫ୍ ଯବାନଙ୍କୁ ନିୟୋଜିତ କରାଯାଇଛି। ଏସ୍‌ପି ଉମାଶଙ୍କର ଦାଶଙ୍କ ନେତୃତ୍ୱରେ ୩ଜଣ ଅତିରିକ୍ତ ଏସ୍‌ପି, ୪ଜଣ ଡିଏସ୍‌ପି ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଥିବା ଜିଲା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ବ୍ରାଉନ ସୁଗାର ଜବତ: ମହିଳା ଗିରଫ

**ପୁରୀ ଅଫିସ, ୨୨।୪:** ପୁରୀ-ବ୍ରହ୍ମଗିରି ରାସ୍ତାର ନରେନ୍ଦ୍ରକୋଣସ୍ଥିତ ଆଇଟିଆଇ କଲେଜ ନିକଟରୁ ସୋମବାର ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ସେ ହେଲେ କୁମ୍ଭାରପଡା ଥାନା ଅନ୍ତର୍ଗତ ନରେନ୍ଦ୍ରକୋଣର ଜୟନ୍ତୀ ଭୋଇ। ତାଙ୍କଠାରୁ ୨୬ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଇନ୍ସପେକ୍ଟର ବିକାଶ ନାୟକ, ଧିରେନ କୁମାର ବେହେରା, ଏଏସ୍‌ଆଇ ସୁଶାନ୍ତ କୁମାର ମହାପାତ୍ର ପ୍ରମୁଖ ଏହି ଚଢାଉରେ ସାମିଲ ଥିଲେ।

### ମା' ଝିଅଙ୍କୁ ମାଡ଼ ମାରିଲେ ପୂର୍ବତନ କର୍ପୋରେଟର

**ଭୁବନେଶ୍ୱର,୨୨।୪ (ବ୍ୟୁରୋ):** ଗାଡ଼ି ପାର୍କିଂକୁ ନେଇ ଜଣେ ମହିଳା ଓ ତାଙ୍କ ଝିଅଙ୍କୁ ଘର ମାଲିକ ମାଡ଼ ମାରିଥିବା ଖାରବେଳନଗର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଶାସ୍ତ୍ରୀନଗର ଅଞ୍ଚଳରେ ଜୟନ୍ତୀ ସାହୁ ଜଣେ ପୂର୍ବତନ କର୍ପୋରେଟରଙ୍କ ଘରେ ଭଡ଼ାରେ ରୁହନ୍ତି। ଘର ମାଲିକ ତାଙ୍କୁ ଅନେକ ସମୟରେ ହଇରାଣ ହରକତ କରୁଥିଲେ। ସୋମବାର ଗାଡି ପାର୍କିଂକୁ ନେଇ ଜୟନ୍ତୀ ଓ ଘରମାଲିକଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସେ ଜୟନ୍ତୀଙ୍କ ୧୯ ବର୍ଷୀୟା କଲେଜ ପଢ଼ୁଆ ଝିଅଙ୍କୁ ଟେକି କଚାଡ଼ି ଦେଇଥିଲେ। ଜୟନ୍ତୀ ପ୍ରତିବାଦ କରିବାରୁ ସେ ମଧ୍ୟ ତାଙ୍କୁ ମାଡ଼ ମାରିଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।



ବାଲିସାହିରେ ବାହାରିଥିବା ରାମ, ଲକ୍ଷ୍ମଣ, ହନୁମାନ ଓ ରାବଣ।

## ରାବଣଙ୍କୁ ବଧ କଲେ ଶ୍ରୀରାମ

ପୁରୀ ଅଫିସ, ୨୨।୪

**ସାହିଯାତର ୮ମ ସନ୍ଧ୍ୟା**

ସେତୁବନ୍ଧ ପ୍ରତିଷ୍ଠା ପରେ ବାନରସେନା ସହ ଲଙ୍କା ନଗରୀରେ ପହଞ୍ଚିଛନ୍ତି ପ୍ରଭୁ ଶ୍ରୀରାମ। ଅଙ୍ଗଦଙ୍କ ପ୍ରସ୍ତାବକୁ ରାବଣ ଅଗ୍ରାହ୍ୟ କରିବା ସହ ତାଙ୍କୁ ତାଚ୍ଛଲ୍ୟ କରିଛନ୍ତି। ରାବଣଙ୍କ ମାନସିକତାକୁ ବୁଝିଛନ୍ତି ଶ୍ରୀରାମ। ଏହାପରେ ଯୁଦ୍ଧ ଆରମ୍ଭ ହୋଇଛି। ଶେଷରେ ଶ୍ରୀରାମଙ୍କ ହାତରେ ରାବଣ ନିହତ ହୋଇଛନ୍ତି। ବୈଶାଖ ମାସ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ସୋମବାର ସାହିଯାତର ଅଷ୍ଟମ ସନ୍ଧ୍ୟାରେ ଶ୍ରୀରାମ ଲୀଳାରେ ରାବଣ ବଧ ନୀତି ସମ୍ପନ୍ନ ହୋଇଛି।

ବାଲିସାହି ଆଖଡ଼ା ପକ୍ଷରୁ ରାବଣ ବେଶଧାରୀ ସାତ ସାହି ଆଖଡ଼ା ପରିକ୍ରମା କରିଥିଲେ। ସନ୍ଧ୍ୟାରେ ବାଲିସାହି ଆଖଡ଼ା ଅନ୍ତର୍ଗତ ପଞ୍ଚାୟତ ଜାଗାରୁ ବାହାରିଥିବା ରାବଣ ନୀତିରେ ସାମିଲ ହୋଇଥିଲେ। ବାଲିସାହିରୁ ବାହାରିଥିବା ରାବଣ ଶ୍ରୀମନ୍ଦିର ଯାଇଥିଲେ। ସେଠାରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ହରଚଣ୍ଡି ସାହି, ଗୌଡବାଡ ସାହିସ୍ଥିତ ଯମେଶ୍ୱରଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ପରେ ମଣିକର୍ଣ୍ଣିକା ସାହି, ଦକ୍ଷିଣଦ୍ୱାର, ଗଡନ୍ତି ଛକ ଦେଇ ମାର୍କଣ୍ଡେଶ୍ୱର ସାହି ହୋଇ ଭଗବତୀକୋଟ ଆଖଡ଼ାକୁ ଆସିଥିଲେ। ସେଠାରେ ଦଶଭୂଜା ଭଗବତୀଙ୍କୁ ଆରାଧନା କରିଥିଲେ। ଭଗବତୀଙ୍କ ପ୍ରଦତ୍ତ ପଣା ସେବନ କରି ଜଗନ୍ନାଥ ବଲ୍ଲଭ ମଠରେ ପହଞ୍ଚିଥିଲେ। ନୀତିରେ ରାବଣଙ୍କ ସହିତ ରାମ, ଲକ୍ଷ୍ମଣ, ହନୁମାନ ସାମିଲ ହୋଇଥିଲେ।

ଅନ୍ୟପଟେ ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ନୀତି ଏବଂ ଦକ୍ଷିଣୀ ଘର ଭୋଗ ନୀତି ବଢିଥିଲା। ମହାଜନ ସେବକ ଦକ୍ଷିଣୀ ଘରୁ ରାମ, ଲକ୍ଷ୍ମଣ ଏବଂ ସୀତାଙ୍କୁ ନେଇ ରତ୍ନ ସିଂହାସନରେ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ଠାକୁରଙ୍କ ପାଲିଙ୍କି ବିଜେ ପରେ ବିମାନବଡୁମାନେ ପାଲିଙ୍କିକୁ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ଜଗନ୍ନାଥ ବଲ୍ଲଭକୁ ଯାଇଥିଲେ। ଠାକୁରମାନଙ୍କୁ ମଠ ଝୁଲଣ ଖଟରେ ବିଜେ କରାଇଥିଲେ। ମଠର ଆରାଧ ସୁଗ୍ରୀବ ମହାରାଜଙ୍କଠାରୁ ଆଜ୍ଞାମାଳ ବିଜେ ପରେ ଠାକୁରଙ୍କ ନିକଟରେ ଶୀତଳ ଭୋଗ ହୋଇଥିଲା। ପରେ ବାଲିସାହି ଜାଗା ଆଖଡ଼ା ନୀତିରେ ସାମିଲ ହୋଇଥିଲେ। ପ୍ରଭୁ ଶ୍ରୀରାମ ଓ ରାବଣଙ୍କ ମଧ୍ୟରେ ଯୁଦ୍ଧ ନୀତି ସମ୍ପନ୍ନ ହୋଇଥିଲା। ରାବଣଙ୍କ ବକ୍ଷସ୍ଥଳକୁ ଶ୍ରୀରାମ ବ୍ରହ୍ମାସ୍ତ୍ର ପ୍ରୟୋଗ କରିଥିଲେ। ଏଥିରେ ରାବଣ ନିହତ ହୋଇଥିଲେ। ଏହି ନୀତି ଦେଖିବାକୁ ମଠରେ ଭକ୍ତଙ୍କ ଗହଳି ହୋଇଥିଲା।

## ଲେଖିକା ରମା କରଙ୍କ ପରଲୋକ

କଟକ ଅଫିସ,୨୨।୪



ରମା କର

ବିଶିଷ୍ଟ ସମାଜସେବୀ, ସୁଲେଖିକା ତଥା ମାସିକ ସାହିତ୍ୟ ପତ୍ରିକା ସହକାରର ପୂର୍ବତନ ସମ୍ପାଦିକା ରମା କର(୮୫)ଙ୍କ ସୋମବାର ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବଡବୋହୂ ତଥା ଦୈନିକ ମାତୃଭାଷାର ସମ୍ପାଦିକା ସଲିଳା କର, ଝିଅ ଇତିଶ୍ରୀ, ଜାମାତା ବିଶ୍ୱଜିତଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତା କର ୧୯୩୪ ମସିହାରେ ଜନ୍ମଗ୍ରହଣ କରିଥିବାବେଳେ ଓଡ଼ିଆ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଶିକ୍ଷା ହାସଲ କରିଥିଲେ। ବିକାଶ କରଙ୍କୁ ବିବାହ କରିବା ପରେ ସେ ୧୯୮୭ ମସିହାରୁ ସହକାରର ସମ୍ପାଦିକା ଦାୟିତ୍ୱ ତୁଲାଇ ଆସୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଦରଘାବଜାରସ୍ଥ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସନ୍ଧ୍ୟାରେ ସତୀଚଉରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ରାଜ୍ୟ ପ୍ରତି କେନ୍ଦ୍ରର ଅବହେଳାକୁ ବରଦାସ୍ତ କରାଯିବନାହିଁ: ମୁଖ୍ୟମନ୍ତ୍ରୀ

ନିଆଳି, ୨୨।୪(ଡି.ଏନ୍.ଏ.)



ନିର୍ବାଚନ ସଭାରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

ନିଆଳି ହାଇସ୍କୁଲ ପଡିଆରେ ସୋମବାର ପୂର୍ବାହ୍ନରେ ବିଜେଡିର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ କହିଥିଲେ, ରାଜ୍ୟ ପ୍ରତି କେନ୍ଦ୍ରର ଅବହେଳାକୁ ଆଉ ବରଦାସ୍ତ କରାଯିବ ନାହିଁ। ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ କାଳିଆ ଯୋଜନାକୁ କେହି ବନ୍ଦ କରିପାରିବେ ନାହିଁ। ୨୦୧୯ରେ ଆମ ସରକାର ଆସିଲେ କାଳିଆ ଯୋଜନାରେ ବାକିଥିବା ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯିବ। ମହିଳାମାନଙ୍କୁ ଅଧିକ ସ୍ୱାବଲମ୍ବୀ କରିବା ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଇଛି ବୋଲି ସେ କହିବା ସହ ବିଜେଡି ବିଧାୟକ ପ୍ରାର୍ଥୀ ଡା. ପ୍ରମୋଦ କୁମାର ମଲ୍ଲିକ, ଏମ୍‌ପି ପ୍ରାର୍ଥୀ ଡା. ରାଜଶ୍ରୀ ମଲ୍ଲିକଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ନେତା ଆଦିତ୍ୟ ପାଣି, ଜିଲାପରିଷଦ ସଭ୍ୟ ଦେବାଶିଷ ଷଡଙ୍ଗୀ, ପୁଲକ ମହାନ୍ତି, ଅତୁଲ୍ୟ ଜେନା, ମାମିନା ଜେନା, ସରପଞ୍ଚ ପ୍ରଶାନ୍ତ ସିଂ, ଅନ୍ତର୍ଯ୍ୟାମୀ ବଡୁ, ନିଆଳି ବ୍ଲକ ଅଧ୍ୟକ୍ଷା କଳ୍ପନା ପାଣି, କଣ୍ଟାପଡା ବ୍ଲକ ଅଧ୍ୟକ୍ଷା ସ୍ମିତାରାଣୀ ସ୍ୱାଇଁ, ବାରଙ୍ଗ ବ୍ଲକ ଅଧ୍ୟକ୍ଷ ସରୋଜ ସାହୁ ପ୍ରମୁଖ ଭାଷଣ ମାଧ୍ୟମରେ ଭାଜପା ଓ କଂଗ୍ରେସକୁ କଟୁ ସମାଲୋଚନା କରିଥିଲେ।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୯ଟାରେ ଆସିବା ପାଇଁ ପ୍ରଚାର କରାଯାଇଥିବାରୁ ମହିଳାମାନେ ଏହାପୂର୍ବରୁ ସଭାସ୍ଥଳରେ ପହଞ୍ଚି ଯାଇଥିଲେ। ହେଲେ ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟା ପରେ ସଭାସ୍ଥଳରେ ପହଞ୍ଚିଥିଲେ। ଫଳରେ ପୂର୍ବରୁ ଗରମରେ ବସିଥିବା ମହିଳାମାନଙ୍କ ମଧ୍ୟରୁ ୨/୩ଜଣ ଅଚେତ ହୋଇଯାଇଥିଲେ। ସେମାନଙ୍କୁ ନିଆଳି ମେଡିକାଲକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ସଭାସ୍ଥଳରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।



ଭୁବନେଶ୍ୱର ଆଇଆର୍‌ସି ଭିଲେଜ୍ ୟୁପି ସ୍କୁଲରେ ମହିଳା ପୋଲିଂ କର୍ମଚାରୀମାନେ ପ୍ରସ୍ତୁତ ଚଳାଇଛନ୍ତି।




ଭୁବନେଶ୍ୱର ୟୁନିଟ୍-୬ ସରକାରୀ ସ୍କୁଲରେ ମହିଳାମାନଙ୍କ ପାଇଁ ହୋଇଥିବା ପିଙ୍କ ବୁଥ୍।



ଭୁବନେଶ୍ୱରସ୍ଥିତ ରାଜଭବନ ପ୍ରାଇମେରୀ ସ୍କୁଲରେ ଭୋଟ ପାଇଁ ଇଭିଏମ୍ ପ୍ରସ୍ତୁତ ରଖୁଛନ୍ତି।



ପିଇବା ପାଇଁ ପାଣି ଭର୍ତ୍ତି କରି ରଖାଯାଇଥିବା ଫିଲ୍ଟର।



ଜଣେ ପୋଲିଂ କର୍ମଚାରୀ ଲଣ୍ଠନ ପ୍ରସ୍ତୁତ ରଖୁଛନ୍ତି।



ଯେଉଁମାନେ ଯୁକ୍ତି କରି ଜାଣନ୍ତି ନାହିଁ, ସେହିମାନେ ହିଁ କଥାବାର୍ତ୍ତାବେଳେ କଳି କରନ୍ତି।

-ଚେଷ୍ଟାର ଷ୍ଟେନ୍



## ସଂକ୍ଷେପରେ

### ଆଇନ ସଚେତନତା କର୍ମଶାଳା

**ଖୋର୍ଦ୍ଧା ଅଫିସ,୨୨।୪:** ସୋମବାର ବାଘମାରୀ ପଞ୍ଚାୟତର ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଆଇନ୍ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ତାଲୁକ ଆଇନ ସେବା ସମିତି ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥିଭାବେ ୨ୟ ଅତିରିକ୍ତ ଜିଲା ଜଜ୍ ଦିଲ୍ଲୀପ କୁମାର ବିଶ୍ୱାଳ ଓ ମୁଖ୍ୟ ବକ୍ତାଭାବେ ସବଜେଲର ମାନସ କୁମାର ପଣ୍ଡା ଯୋଗଦେଇଥିଲେ। ଖୋର୍ଦ୍ଧା କୋର୍ଟର ପ୍ରଥମ ଅତିରିକ୍ତ ଜିଲା ଜଜ୍ ଧନୁର୍ଦ୍ଧର ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ସ୍ପେଶାଲ ଜୁଡିସିଆଲ ମାଜିଷ୍ଟ୍ରେଟ ସୁରେନ୍ଦ୍ର କୁମାର ପାଢ଼ୀ, ଖୋର୍ଦ୍ଧା ବାର ଆସୋସିଏଶନ ସଭାପତି ପ୍ରାଣକୃଷ୍ଣ ଦଳବେହେରା, ସମ୍ପାଦକ ପ୍ରଦୀପ କୁମାର ଦାସ, ବରିଷ୍ଠ ଆଇନଜୀବୀ ବିଜୟ କୁମାର ସାମନ୍ତସିଂହାର, ସରକାରୀ ଓକିଲ ବିଧାନ ଚନ୍ଦ୍ର ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା ହେବା ସହ ପୀଡ଼ିତାଙ୍କୁ ଆଇନ ସହାୟତା ଉପରେ ଅନୁରୂପ ଭାବେ ଆଲୋଚନାରେ ସ୍ଥାନ ପାଇଥିଲା। ବାଘମାରୀ ସରପଞ୍ଚ ଶଶି ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ।

### ଗିରି ଗୋବର୍ଦ୍ଧନ ପୂଜା, ଗୋଧନ ବାହୁଡ଼ା ଯାତ୍ରା



**ନିମାପଡ଼ା,୨୨।୪(ଡି.ଏନ୍.ଏ.):** ନିମାପଡ଼ା ଥାନା ଓ ଗିରିଗୋବର୍ଦ୍ଧନ ପୂଜା କମିଟି ପକ୍ଷରୁ ଗିରିଗୋବର୍ଦ୍ଧନ ପୂଜା ଏବଂ ଗୋଧନ ବାହୁଡ଼ା ଯାତ୍ରା ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ବଜାରର ଥାନପତି ଠାକୁର ଶ୍ରୀ ଗୋପୀନାଥ ଦେବ, ଶ୍ରୀ ରାଧା ଓ ରାସବାଡ ମଠର ରାଧାକୃଷ୍ଣ ଦୁଇଟି ସୁସଜ୍ଜିତ ବିମାନରେ ରାସକୁଞ୍ଜ ସ୍ଥଳୀରୁ ବାହାରି ନଗର ପରିକ୍ରମା କରିବା ସହ ନିମାପଡ଼ା ବଜାର, ଗୋପୀନାଥ ପାଟଣା, ପତିତପାବନ ପାଟଣା, ଶ୍ୟାମସୁନ୍ଦରପୁର, ଅମୁଣିଆପାଟଣା, ବିଭିନ୍ନ ବ୍ୟାଙ୍କ, ସ୍କୁଲ ଓ ବହୁ ଶ୍ରଦ୍ଧାଳୁଙ୍କ ଦାଣ୍ଡ ଦୁଆରେ ଭୋଗ ଲାଗି ହେବା ସହ ପଣା ପିଇ ସାରିବା ପରେ ଜଇନାବାଦ ଗ୍ରାମ ମଣ୍ଡପଠାରେ ଅବସ୍ଥାନ କରିଥିଲେ। ସେଠାରେ ରାସପିଲାଙ୍କ ସହ ରାଧାକୃଷ୍ଣ, ଗୋପୀନାଥଦେବ ଓ ଶ୍ରୀରାଧା କୁଶଭଦ୍ରା ନଦୀରେ ସ୍ନାନ କରିଥିଲେ। ଏହି ସ୍ନାନକୁ ଯମୁନା ଗାଧୁଆ ବୋଲି କୁହାଯାଇଥାଏ। ସ୍ନାନ ପରେ ଉଭୟ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇ ଭୋଗଲାଗି ହୋଇଥିଲା। ପରେ ଥାନାର ନିମନ୍ତ୍ରଣକ୍ରମେ ଉଭୟ ଠାକୁରଙ୍କୁ ଏକ ଶୋଭାଯାତ୍ରାରେ ଜଇନାବାଦରୁ ସହର ପରିକ୍ରମା କରାଯାଇ ଥାନା ସମ୍ମୁଖ ଗୋଧନ ବାହୁଡା ମଣ୍ଡପରେ ଉପବିଷ୍ଟ କରାଯାଇଥିଲା। ପରେ ବିଧିମୁତାବକ ପୂଜାର୍ଚ୍ଚନା ଓ ଭୋଗଲାଗି କରାଯାଇଥିଲା। ଏହା ପରେ ଗୋଧନ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆତସବାଜିରେ ଏହି ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ଏହି ଯାତ୍ରା ଦେଖିବାକୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ନିମାପଡ଼ା ଏସଡିପିଓ ଶରତ ମିଶ୍ର, ଆଇଆଇସି ଜନାର୍ଦ୍ଦନ ପାଢ଼ୀ, ଏସଆଇ ମମତା ବିଶ୍ୱାଳ, ରଶ୍ମିରଞ୍ଜନ ପୃଷ୍ଟି, ଏଏସଆଇ ପ୍ରମୋଦ ସେଠୀ, କଳ୍ପନା ମହାନ୍ତି, ଅବଦୁଲ ତସଲିମ ଖାନ୍, ଅରବିନ୍ଦ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥିଲା।

■ ଆଜି ତୃତୀୟ ପର୍ଯ୍ୟାୟ ମତଦାନ

# ୯୦ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର

**ଖୋର୍ଦ୍ଧା ଅଫିସ, ୨୨।୪**

ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ମଙ୍ଗଳବାର ଭୋଟ୍ ଗ୍ରହଣ କରାଯିବ। ଖୋର୍ଦ୍ଧା ଜିଲାର ଗୋଟିଏ ଲୋକ ସଭା ଓ ୮ଟି ବିଧାନସଭା କ୍ଷେତ୍ରର ଜନସାଧାରଣ ଜନାଦେଶ ଦେଇ ଉପଯୁକ୍ତ ଲୋକ ପ୍ରତିନିଧିଙ୍କୁ ବାଛିବେ। ଜିଲାର ୧୮୯୩ଟି ବୁଥରେ ୧୯ଲକ୍ଷ ୨୪ହଜାର ୮୮ଭୋଟର ଭୋଟ୍ ଦେବେ। ଜିଲାର ୧୮୯୩ ବୁଥରୁ ଜୟଦେବ ନିର୍ବାଚନମଣ୍ଡଳୀର ୫୯, ଭୁବନେଶ୍ୱରମଧ ୬୧, ଭୁବନେଶ୍ୱର ଉତ୍ତର ୬୩, ଭୁବନେଶ୍ୱର ଏକାମ୍ର ୫୭, ଜଟଣୀ ୫୯, ଚିଲିକା ୪୬, ବେଗୁନିଆ ୪୦, ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ୩୫ବୁଥ୍ ଉତ୍ତେଜନା ପ୍ରବଣ ରହିଛି। ଜିଲାର ୮ଟି ନିର୍ବାଚନମଣ୍ଡଳୀରେ ୯୦ପ୍ରାର୍ଥୀ ଓ ଭୁବନେଶ୍ୱର ଲୋକ ସଭା ଆସନରେ ୧୪ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ମତଦାନ ପାଇଁ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତିପର୍ବ ଶେଷ ହୋଇଛି। ଶାନ୍ତିଶୃଙ୍ଖଳାର ସହ କିପରି ମତଦାନ ଶେଷ ହେବ ସେଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଜିଲାର ଭୁବନେଶ୍ୱର ଲୋକ ସଭା ଆସନ ଅଧୀନରେ ଭୁବନେଶ୍ୱର(ମଧ୍ୟ), ଭୁବନେଶ୍ୱର(ଉତ୍ତର), ଏକାମ୍ର, ଜଟଣୀ, ଜୟଦେବ, ଖୋର୍ଦ୍ଧା ଏବଂ ବେଗୁନିଆ ବିଧାନସଭା ଆସନ ରହିଛି। ଚିଲିକା ବିଧାନସଭା ଆସନ ପୁରୀ ସଂସଦୀୟ କ୍ଷେତ୍ରରେ ରହିଛି। ଭୁବନେଶ୍ୱର(ମଧ୍ୟ) ନିର୍ବାଚନମଣ୍ଡଳୀରେ ୧୩ ପ୍ରାର୍ଥୀଙ୍କ ମଧ୍ୟରୁ ୧୯୮ବୁଥ୍‌ରେ ୨ଲକ୍ଷ ୩୮ହଜାର ୮୬୨ଭୋଟର ନେତା ଚୟନ କରିବେ। ସେହିଭଳି ଭୁବନେଶ୍ୱର(ଉତ୍ତର) ନିର୍ବାଚନମଣ୍ଡଳୀରେ ୨ଲକ୍ଷ ୯୮ହଜାର ୧୭୨ଭୋଟର ଥିବାବେଳେ ୧୬ପ୍ରାର୍ଥୀ, ଭୁବନେଶ୍ୱର ଏକାମ୍ରରେ ୧୪ ପ୍ରାର୍ଥୀ ଓ ୨ଲକ୍ଷ ୮୧ହଜାର ୧୭୮ଭୋଟର, ଜଟଣୀରେ ୭ ପ୍ରାର୍ଥୀ ଓ ୨ଲକ୍ଷ ୩୭ହଜାର ୭୦୦ଭୋଟର, ଜୟଦେବ ନିର୍ବାଚନମଣ୍ଡଳୀରେ ୮ଜଣ ପ୍ରାର୍ଥୀ ଓ ୧ଲକ୍ଷ ୮୬ ହଜାର ୫୪୦ଭୋଟର ଅଛନ୍ତି। ଚିଲିକା ବିଧାନସଭା ଆସନରେ ୯ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ୨୪୪ଟି ବୁଥ୍‌ର ୨ଲକ୍ଷ ୨୪ହଜାର ୮୬୦ଜଣ ଭୋଟର ଭାଗ୍ୟ ନିର୍ଦ୍ଧାରଣ କରିବେ। ସେହିପରି ଖୋର୍ଦ୍ଧାରେ ୮ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ୨୫୫ବୁଥ୍‌ରେ ୨ଲକ୍ଷ ୪୧ହଜାର ୭୮୪ଭୋଟର କରିବେ। ଅନ୍ୟପକ୍ଷେ ବେଗୁନିଆ ନିର୍ବାଚନମଣ୍ଡଳୀରେ ୨୩୮ବୁଥ୍‌ରେ ୨ଲକ୍ଷ ୧୪ହଜାର ୮୯୨ଭୋଟର ୭ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଖୋର୍ଦ୍ଧା ପୋଲିସ ଜିଲାର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ୨୫୫ବୁଥ୍, ବେଗୁନିଆର ୨୩୮ବୁଥ୍, ଚିଲିକାର ୨୪୪ବୁଥ୍, ଜଟଣୀର ୪୯ବୁଥ ରହିଛି। ଏଥିରୁ ୧୨୭ବୁଥ ସମ୍ବେଦନଶୀଳ, ୭ଟି ଅତିସମ୍ବେଦନଶୀଳ ରହିଛି। ଚିଲିକା ନିର୍ବାଚନମଣ୍ଡଳୀର ୭ଟି ବୁଥରେ ମୋବାଇଲ ଫୋନ କାର୍ଯ୍ୟ କରିବ ନାହିଁ ବୋଲି ଜଣାପଡ଼ିଛି। ନିର୍ବାଚନ ପରିଚାଳନା ପାଇଁ ୨୦୦ମାଇକ୍ରୋ ପର୍ଯ୍ୟବେକ୍ଷକ ନିୟୋଜିତ ହୋଇଥିବାବେଳେ ୧୫୦୦କର୍ମଚାରୀ ଅବସ୍ଥାପିତ ହୋଇଛନ୍ତି । ଶାନ୍ତିଶୃଙ୍ଖଳା ପାଇଁ ଜିଲାର ଚିଲିକା, ବେଗୁନିଆ ଓ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପାଇଁ ୨୯ଟିମ୍ ସେଣ୍ଟ୍ରାଲ ଆର୍ମସ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ୫୧ଜଣ ମାଇକ୍ରୋ ଅବଜରଭର, ୭୪ ବୁଥ୍ ୱେବ କାଷ୍ଟିଙ୍ଗ୍ କରାଯାଇଛି। ଚିଲିକା ନିର୍ବାଚନମଣ୍ଡଳୀର ବାଣପୁରର ଗୋଦାବରୀଶ ହାଇସ୍କୁଲ, ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ଶ୍ରୀରାମନଗରସ୍ଥିତ ପ୍ରାକ୍ଟିସିଂ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ, ବେଗୁନିଆ ନିର୍ବାଚନମଣ୍ଡଳୀରେ ବେଗୁନିଆର ଗୋପବନ୍ଧୁ ହାଇସ୍କୁଲରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବୁଥ୍ ବ୍ୟବସ୍ଥା ହୋଇଛି।

**୪୨୦ ବୁଥ୍ ଉତ୍ତେଜନାପ୍ରବଣ**



ଖୋର୍ଦ୍ଧା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମତଦାନ ପାଇଁ ପ୍ରସ୍ତୁତି।

# ନିର୍ବାଚନରେ ମହିଳା, ଯୁବ ଭୋଟର ପ୍ରମୁଖ ଭୂମିକା ଗ୍ରହଣ କରିବେ

**ଜଟଣୀ, ୨୨।୪(ଡି.ଏନ୍.ଏ.)**

ଜଟଣୀ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀଙ୍କ ହାର୍‌ଜିତ୍‌ର ନିର୍ଣ୍ଣାୟକ ଭୂମିକା ନେବେ ମହିଳା ଓ ଯୁବ ଭୋଟର। ଏହି ବର୍ଗର ଭୋଟରଙ୍କୁ ନିଜ ସପକ୍ଷରେ ପ୍ରଭାବିତ କରିବା ପାଇଁ ସମସ୍ତ ପ୍ରାର୍ଥୀ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ବିଭିନ୍ନ ଦଳ ରଣନୀତି ଆପଣାଇଛନ୍ତି। ଜଟଣୀ ବ୍ଲକର ୧୫ଟି ପଞ୍ଚାୟତ, ମ୍ୟୁନିସିପାଲିଟିର ୨୩ଟି ୱାର୍ଡ, ଭୁବନେଶ୍ୱର ବ୍ଲକର ୯ଟି ପଞ୍ଚାୟତ ଓ ଖୋର୍ଦ୍ଧା ବ୍ଲକର ୭ଟି ପଞ୍ଚାୟତକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ଏହି ବିଧାନସଭା କ୍ଷେତ୍ରରେ ୨ଲକ୍ଷ ୩୦ହଜାର ୭୩୫ଜଣ ଭୋଟର ଅଛନ୍ତି । ଏଥିରୁ ୧ଲକ୍ଷ ୧୦ହଜାର ୯୫୭ମହିଳା ଓ ୧ଲକ୍ଷ ୧୯ହଜାର ୭୪୨ ପୁରୁଷ ଭୋଟର ରହିଛନ୍ତି। ମହିଳା ଭୋଟରଙ୍କଠାରୁ ମାତ୍ର ୮ହଜାର ୭୮୫ ଅଧିକ ପୁରୁଷ ଭୋଟର ଅଛନ୍ତି। ଉଭୟ ମହିଳା ଓ ଯୁବ ଭୋଟର ଦଳ ନା ଉପଯୁକ୍ତ ପ୍ରାର୍ଥୀକୁ ପରଖି ଭୋଟ୍ ଦେବେ ତାହା ସମସ୍ତଙ୍କ ନଜର ରହିଛି । ମହିଳା ଓ ଯୁବକମାନଙ୍କ ପାଇଁ ବିଜେଡି ସରକାର କରିଥିବା ବିଭିନ୍ନ ଯୋଜନାକୁ ଆଧାର କରି ଦଳୀୟ ପ୍ରାର୍ଥୀ ମୁଖ୍ୟ ପ୍ରସଙ୍ଗ କରିଛନ୍ତି। ଅପରପକ୍ଷରେ ନାରୀ ନିର୍ଯାତନା ବୃଦ୍ଧି ଓ ବେକାରି ସମସ୍ୟାକୁ କଂଗ୍ରେସ ଓ ଭାଜପା ପ୍ରାର୍ଥୀ ଉଠାଇ ପ୍ରଚାରରେ ପ୍ରମୁଖ ସ୍ଥାନ ଦେଇଛନ୍ତି। ଏହି ଦୁଇବର୍ଗର ଭୋଟର କେଉଁ ଆଡ଼କୁ ଢଳୁଛନ୍ତି ସମସ୍ତଙ୍କ ନଜର ରହିଛି।

# କାଳବୈଶାଖୀରେ ଉଡ଼ିଗଲା ଛପର



କାଳବୈଶାଖୀରେ ଦୋକାନର ଛପର ଉଡ଼ିଯାଇଛି।

**କୃଷ୍ଣପ୍ରସାଦ, ୨୨।୪(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ସୋମବାର ସନ୍ଧ୍ୟା ୫ଟାରେ କାଳବୈଶାଖୀଜନିତ ବର୍ଷା, ତୋଫାନ ଜନ ସାଧାରଣଙ୍କୁ ଆତଙ୍କିତ କରିଛି। ପ୍ରାୟ ୩୦ ମିନିଟ୍ ପର୍ଯ୍ୟନ୍ତ ଲାଗି ରହିଥିବା ବର୍ଷା, ତୋଫାନ ମାଲୁଦ ରାଜା ବଜାରସ୍ଥିତ ୩ ଦୋକାନର ଚାଳ ଉଡାଇ ନେଇଯାଇଛି । କ୍ୟାବିନ୍ ଉପରେ ଥିବା ବାଉଁଶ ଛପର ଭାଙ୍ଗିରୁଜି ରାସ୍ତା ମଝିରେ ପଡ଼ିଥିଲା । ଗୃହର ଛପର ମଧ୍ୟ ଉଡ଼ିଯାଇଥିବା ଦେଖାଯାଇଥିଲା। ପ୍ରବଳ ବର୍ଷା ଯୋଗୁ ଲୋକେ ଦୋକାନ ଦ୍ୱାରରେ ଆଶ୍ରୟ ନେଇଥିଲେ। ବର୍ଷା, ପବନ ଜୋର୍‌ରେ ହୋଇଥିଲେ ମଧ୍ୟ ଲୋକେ ବିପଦରୁ ରକ୍ଷା ପାଇଥିଲେ। କେହି ମୃତାହତ ହେବାର ସୂଚନା ମିଳିନି। ବିଭିନ୍ନ ସ୍ଥାନରେ ଏବଂ ରାସ୍ତାରେ ଗଛଡାଳ ଭାଙ୍ଗିପଡ଼ିବା ସହ କିଛି ସମୟ ପାଇଁ ବିଦ୍ୟୁତ୍ ସଂଯୋଗ ବ୍ୟାହତ ହୋଇଥିଲା। ତେବେ କେତେଜଣ ଚାଷୀ ଚିନାବାଦାମ ଅମଳ କରି ନିଜ ଜମିରେ ରଖିଥିବାବେଳେ ତାହା କାଳବୈଶାଖୀ ଯୋଗୁ ନଷ୍ଟ ହୋଇଯାଇଥିବା ଜଣାପଡିଛି । ଉଲ୍ଲେଖଯୋଗ୍ୟ, ଚିନାବାଦାମ ଅମଳ ସରିଥିବାବେଳେ ସରକାର ଚାଷୀଙ୍କଠାରୁ ଏହା ଖରିଦ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ଏଥିଯୋଗୁ କ୍ଷତିଗ୍ରସ୍ତ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। କିଣିବାରେ ବିଳମ୍ବ ଯୋଗୁ ଘରେ ସଂରକ୍ଷିତ ଅମଳ ଚିନାବାଦାମ ମୂଷା ଖାଇଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତେଣୁ ସରକାର ତୁରନ୍ତ ଏଥିପ୍ରତି ଦୃଢ଼ ପଦକ୍ଷେପ ଗ୍ରହଣ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

**■ଅମଳ ଚିନାବାଦାମ ନଷ୍ଟ, ଚିନ୍ତାରେ ଚାଷୀ**



ଶ୍ରୀ ଗ୍ରାମେଶ୍ୱର ମହାଦେବଙ୍କ ପୀଠରେ ଅନୁଷ୍ଠିତ ସଭାରେ ଯୋଗ ଦେଇଥିବା ବ୍ରାହ୍ମଣମାନେ।

### ନିଖିଳ ଉତ୍କଳ ବୈଦିକ ପରିଷଦର ଅଷ୍ଟମ ସଭା

**ଝାଁଳା, ୨୨।୪(ଡି.ଏନ୍.ଏ.)**

ନିଖିଳ ଉତ୍କଳ ବୈଦିକ ପରିଷଦ ପକ୍ଷରୁ ସୋମବାର ମୁଣ୍ଡମୁହାଣ ଗ୍ରାମର ଶ୍ରୀଶ୍ରୀ ଗ୍ରାମେଶ୍ୱର ମହାଦେବଙ୍କ ପୀଠରେ ଅଷ୍ଟମ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଭିନ୍ନ ଅଞ୍ଚଳରୁ ୮୦ଜଣ ବିଦ୍ୱାନ ବ୍ରାହ୍ମଣ ଯୋଗଦେଇଥିଲେ। ଉକ୍ତ ବୈଠକରେ ବ୍ରାହ୍ମଣମାନଙ୍କ ମୌଳିକ ସମସ୍ୟା ଆଲୋଚନା କରାଯାଇଥିଲା ଏବଂ କିପରି ତାହାର ସମାଧାନ କରାଯିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରଭଞ୍ଜନ ମହାପାତ୍ରଙ୍କ ପୌରହିତ୍ୟରେ ଏହି ସଭା ଅନୁଷ୍ଠିତ ହୋଇଥିଲା।

# ବାଲଟରେ ପ୍ରତିଫଳିତ ହେବ ଚାଷୀଙ୍କ ଅସନ୍ତୋଷ

**ଖୋର୍ଦ୍ଧା ଅଫିସ, ୨୨।୪**

ନିର୍ବାଚନ ପରେ ନିର୍ବାଚନ ହେଉଛି। ସରକାର ମଧ୍ୟ ବଦଳୁଛନ୍ତି। ହେଲେ ରାଜନୀତିର ଗଣିତ ଓ ହାରଜିତ୍‌ର ହିସାବ ଭିତରେ ଚାଷୀ ବିକାଶକୁ ଖୋଜି ପାଉନାହିଁ। ସେ ଯେଉଁଠି ଥିଲା ସେଇଠି ପଡି ରହିଛି। ଚଳିତ ନିର୍ବାଚନରେ ଚାଷୀ ନବ ନିର୍ମାଣ କୃଷକ ସଙ୍ଗଠନ ନେତୃତ୍ୱରେ କେନ୍ଦ୍ର ଓ ରାଜ୍ୟର ଶାସକ ଦଳକୁ ବିରୋଧ କରୁଛି। ଚାଷୀ ଅପଦସ୍ଥର ଫଳାଫଳ ବାଲଟରେ ଦିଆଯିବ ବୋଲି ଧମକ ଦେଇଛି। କିନ୍ତୁ ଭୋଟ୍ ହାତେଇବା ପାଇଁ ସରକାରୀ ଓ ବିରୋଧୀ ଚାଷୀକୁ ପ୍ରଲୋଭନ ଦେଖାଇ ଫଳାଫଳକୁ ଅପେକ୍ଷା କରିଛନ୍ତି। ରାଜ୍ୟ ସରକାର କାଳିଆ ଯୋଜନା ଓ କେନ୍ଦ୍ର ସରକାର ପିଏମ୍ କିଷାନ କରି ଚାଷୀଙ୍କ ଭୋଟ୍‌କୁ ହାତେଇବାକୁ ଯୋଜନା କରିଛନ୍ତି। କଂଗ୍ରେସ ଛତିଶଗଡ ମଡେଲ ଓଡ଼ିଶାରେ ପ୍ରଣୟନ କରି ପୂରା କୃଷି ଋଣ ଛାଡ କରିବା ସହ ଅତିରିକ୍ତ ସୁବିଧା ସୁଯୋଗର ପ୍ରତିଶ୍ରୁତି ଦେଇ ସଫଳତାର ଆଶା ରଖିଛି। କାଳିଆ ଓ ପିଏମ୍ କିଷାନ ସହାୟତା ରାଶି ଚାଷୀଙ୍କ ଖାତାରେ ଜମା ହେଉଛି। ହେଲେ ବ୍ୟାଙ୍କ ପୂର୍ବ ଋଣ ଅଛି ଦର୍ଶାଇ ଖାତାରୁ ଟଙ୍କା କାଟି ନେଉଛି। କେତେଜଣ ଚାଷୀ ଏଯାବତ ଏହି ଦୁଇ ଯୋଜନାର ଅର୍ଥ ପାଇ ନାହାନ୍ତି। ସେହିଭଳି ଏକ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ କେତେ ଶ୍ରମ ଓ ଅର୍ଥ ଖର୍ଚ୍ଚ ହୁଏ ତା'ର ହିସାବ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସହମତି ହୋଇପାରୁ ନାହିଁ। ପ୍ରତ୍ୟେକ ନିର୍ବାଚନରେ ଚାଷୀ ପ୍ରସଙ୍ଗ ନିର୍ଣ୍ଣାୟକ ହୋଇଛି। ମାତ୍ର ଚାଷୀଙ୍କ ସମସ୍ୟା ଦୂର ହୋଇନାହିଁ । ଫଳରେ ଚାଷୀଙ୍କ ସଂଖ୍ୟା କମିବାରେ ଲାଗିଛି । ଧାନର ସହାୟକ ମୂଲ୍ୟ ବୃଦ୍ଧି, ଫସଲ ପାଇଁ ସାର, କୀଟନାଶକ, ଉତ୍ପାଦିତ ଦ୍ରବ୍ୟ ବିକ୍ରି କରିବାର ସୁବିଧା, ଖେତକୁ ଜଳସେଚନ ପରି ସମସ୍ୟାର ସମାଧାନ ହେଉ ନାହିଁ। ଚାଷୀ ଅବହେଳିତ ଓ ଉପେକ୍ଷିତ ହୋଇ ଅଭିଶପ୍ତ ଜୀବନଯାପନ କରି ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନଶନ ଦାବିରେ ଆନ୍ଦୋଳନ କରୁଛନ୍ତି। ଜିଲା ସଂଯୋଜକ ସୁରେଶ ମାନସିଂ କୁହନ୍ତି, ପ୍ରାୟ ୭୦ବର୍ଷ ଧରି ଚାଷୀଙ୍କୁ ଅଣଦେଖା କରାଯାଉଥିବାରୁ ଅସନ୍ତୋଷ ବଢ଼ିବା ସ୍ୱାଭାବିକ। ଶାସକ ଦଳର ଚାଷୀମାରଣ ନୀତି ବିରୋଧରେ ଆନ୍ଦୋଳନ ଚାଲୁ ରହିଛି । ଫଳାଫଳ ବି ଚାଷୀ ଦେବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତି ହୋଇଥିବା ସେ କହିଛନ୍ତି।

### ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସନ୍ଦେହଜନକ ମୃତ୍ୟୁ

**ନିଶ୍ଚିନ୍ତକୋଇଲି,୨୨।୪(ସ୍ୱ.ପ୍ର)**

ବଡମ୍ବା ବ୍ଲକ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉତ୍ତମାନନ୍ଦ ବେହେରାଙ୍କ ସୋମବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ତାଙ୍କ ଘର ସାଲେପୁର ଥାନା ଅନ୍ତର୍ଗତ ରାମେଶ୍ୱରପୁର ପଞ୍ଚାୟତର ସାବିଜିପୁର ଗ୍ରାମରେ। ସେ କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଏକ ଭଡ଼ାଘରେ ରହୁଥିଲେ। ସେ ପୂର୍ବରୁ ନିଶ୍ଚିନ୍ତକୋଇଲି ବ୍ଲକର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସକାଳୁ ବେହେରା ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ସ୍ୱର୍ଣ୍ଣଲତା ସାହୁ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ପୁଅ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୧/୧୯)ରୁଜୁ ହୋଇଛି।

# ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ପ୍ରସ୍ତୁତି

**ପୁରୁଣା ଭୁବନେଶ୍ୱର, ୨୨।୪(ଡି.ଏନ.ଏ.)**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ୧୨ ମାସରେ ୧୩ ପର୍ବ। କେତେକ ଯାନିଯାତ୍ରା ମନ୍ଦିରରେ ପାଳିତ ହେଉଥିବାବେଳେ ଅନେକ ଯାନିଯାତ୍ରାରେ ଶ୍ରୀଜୀଉମାନେ ବିମାନ ଓ ପାଲିଙ୍କିରେ ବିଜେ ହୋଇ ଯାତ୍ରା କରିଥାନ୍ତି। ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥଯାତ୍ରା ଶେଷ ହୋଇଛି। ଚଳିତବର୍ଷ ରଥଯାତ୍ରାରେ ରଥ ଖଳାରୁ ରଥ ମାଉସୀ ମା' ଘରେ ପହଞ୍ଚିବା ପାଇଁ ୩ ଦିନ ଲାଗିଥିଲା। ଯାହା ୫୦ ବର୍ଷ ମଧ୍ୟରେ ଥିଲା ବ୍ୟତିକ୍ରମ। ଯାହା ପାଇଁ କେବଳ ଭକ୍ତ ନୁହନ୍ତି ବୁଦ୍ଧିଜୀବୀମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ମହାପ୍ରଭୁଙ୍କର ୨୨ ଦିନିଆ ଚନ୍ଦନଯାତ୍ରା ଆରମ୍ଭ ହେବ। ଅକ୍ଷୟ ତୃତୀୟାଠାରୁ ଏହି ଚନ୍ଦନଯାତ୍ରାରେ ପବିତ୍ର ବିନ୍ଦୁସାଗରରେ ମହାପ୍ରଭୁ ଶ୍ରୀଲିଙ୍ଗରାଜ, ମା'ପାର୍ବତୀଙ୍କୁ ସାଙ୍ଗରେ ଧରି ଚାପ ଖେଳିବେ। ଏଥିପାଇଁ କୈବର୍ତ୍ତସାହିର ବାରଘରିଆ ନାଉରିଆ ସେବାୟତ ଚାପ ଡଙ୍ଗା ଚଳାଇବେ। ବିନ୍ଦୁସାଗରରେ ପାଣିରେ ବୁଡାଇ ରଖାଯାଇଥିବା ଦୁଇଟି ଚାପଡଙ୍ଗାକୁ ଉପରକୁ ଅଣାଯାଇ ମରାମତି ସହ ରଙ୍ଗ କାମ କରାଯିବ। ଚାପ ଡଙ୍ଗାରେ ବର୍ଷ ବର୍ଷ ପୂର୍ବରୁ ମହାପ୍ରଭୁ କପିଳେଶ୍ୱର ଦେବ ଯାତ୍ରା କରୁଥିଲେ। ୨୦୧୫ ଠାକୁରଙ୍କ ହାଣ୍ଡି ଭଙ୍ଗା ଯାତ୍ରା ବନ୍ଦ ପରଠାରୁ ଚାପଡଙ୍ଗାରେ କପିଳେଶ୍ୱର ଅନୁପସ୍ଥିତ ରହୁଛନ୍ତି। ବିଭିନ୍ନ ସମସ୍ୟା ଏବଂ ସେବାୟତମାନଙ୍କ ମଧ୍ୟରେ ଅନେକ ସମୟରେ ସମନ୍ୱୟର ଅଭାବରୁ ଠାକୁରଙ୍କର ନୀତିକାନ୍ତିରେ ବିଭ୍ରାଟ ହେବା ସହ ପରମ୍ପରା ଭଙ୍ଗ ହେବାର ନଜିର ରହିଛି। ଏସବୁ ମନ୍ଦିର ପ୍ରଶାସନର ମୁଣ୍ଡବିନ୍ଧାର କାରଣ ପାଲଟିଛି। ତେଣୁ ଠାକୁରଙ୍କ ଚନ୍ଦନଯାତ୍ରାକୁ ସଫଳ ଭାବେ ପରିଚାଳନା କରିବାକୁ ମନ୍ଦିର ପ୍ରଶାସନ ଏବେଠୁ ପ୍ରସ୍ତୁତି ଆରମ୍ଭ କରି ଦେଇଛି।



ସୋମବାର ସନ୍ଧ୍ୟାରେ ହୋଇଥିବା କାଳବୈଶାଖୀ ବର୍ଷା ସମୟରେ ଭୁବନେଶ୍ୱର ରାସ୍ତାର ଦୃଶ୍ୟ।

### ଅବକାରୀ ଚଢ଼ାଉ: ଜଣେ ଗିରଫ

**ସାଲେପୁର, ୨୨।୪ (ଡ଼ି.ଏନ୍.ଏ)**

ସାଲେପୁର ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଆଉ ୬ଦିନ ବାକିଥିବା ବେଳେ ସାଲେପୁର ଅବକାରୀ ବିଭାଗକୁ ସୋମବାର ଏକ ବଡ଼ ଧରଣର ସଫଳତା ମିଳିଛି। କଟକ ଜିଲା ଅବକାରୀ ବିଭାଗର ଅଧୀକ୍ଷକ ଅଶୋକ କୁମାର ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ମାତନଗର ଗ୍ରାମ ଉପରେ ଚଢ଼ାଉ କରାଯାଇଛି। ବିଦେଶୀ ମଦ ରଖିବା ଅଭିଯୋଗରେ କାହ୍ନୁ ଚରଣ ବେହେରାଙ୍କୁ ଗିରଫ କରାଯାଇଛି। ତାଙ୍କ ଘରୁ ୪୧ଲିଟର ମଦ ଜବତ ହୋଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ କେସ (ନଂ–୧୨/୧୯)ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉ ସମୟରେ ସାଲେପୁର ଅବକାରୀ ବିଭାଗ ନିରୀକ୍ଷକ ଅନୀତ ପ୍ରଧାନ, ଏସ୍ଆଇ. ତେଲେସଫର ଲାକ୍ରା, ଦେବେନ୍ଦ୍ର ଭୂୟାଁ, ଶରତଚନ୍ଦ୍ର ଜେନା, କନଷ୍ଟେବଳ ନିରଞ୍ଜନ ଖଟୁଆ ଓ ସୁନୀଲ୍ କୁମାର ବଳ ସାମିଲ ହୋଇଥିଲେ।

■ କାକଟପୁରରେ ଭାଜପାର ବିଜୟ ସଂକଳ୍ପ ସଭା

# ପରାଜୟ ଭୟରେ ବିଜେଡି ହିଂସାକୁ ଅସ୍ତ୍ର କରୁଛି: ଧର୍ମେନ୍ଦ୍ର

**କାକଟପୁର, ୨୨।୪(ଡି.ଏନ୍.ଏ.)**

କାକଟପୁର ବ୍ଲକ ପଡ଼ିଆଠାରେ ସୋମବାର ଭାଜପାର ବିଜୟ ସଂକଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିରେ ଯୋଗଦାନ କରି ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥୀ ବିଭୁପ୍ରସାଦ ତରାଇ ଏବଂ କାକଟପୁର ବିଧାୟକ ପ୍ରାର୍ଥୀ ରବି ମଲ୍ଲିକଙ୍କ ପାଇଁ ପ୍ରଚାର କରିଥିଲେ। ନିଜ ଉଦ୍‌ବୋଧନରେ ଖଣି ମାଫିଆମାନେ ରାଜ୍ୟ ଚଳାଉଥିବା ନେଇ ଟାର୍ଗେଟ କରିଥିଲେ। ପରାଜୟ ଭୟରେ ଶାସକ ବିଜେଡି ଏବେ ହିଂସାକୁ ଅସ୍ତ୍ର କରି ରାଜ୍ୟସାରା ଗୁଣ୍ଡାଗର୍ଦ୍ଦି କରୁଛି। ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ଗୁଣ୍ଡା, ଅସାମାଜିକ, ବଳାତ୍କାରୀମାନଙ୍କୁ ଜେଲ୍ ପଠାଇବ। ଓଡ଼ିଶାର ବିକାଶ ପାଇଁ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ସଭାରେ ଗୌରୀଶଙ୍କର ଦାଶ ଅଧ୍ୟକ୍ଷତା କରିଥିବାବେଳେ ପୁରୀ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର, ସମ୍ପାଦକ ରତିକାନ୍ତ ବେହେରା, କାକଟପୁର ସରପଞ୍ଚ ସୌଦାମିନୀ ବରାଳଙ୍କ ସମେତ କାକଟପୁର, ଅସ୍ତରଙ୍ଗ, ଗୋପ ମଣ୍ଡଳ, କୋଣାର୍କ ଏନ୍ଏସିର ଦଳୀୟ କର୍ମକର୍ତ୍ତା ଯୋଗଦାନ କରିଥିଲେ। ସୂଚନା ଥାଉକି, ଜଗତ୍‌ସିଂପୁର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ କାକଟପୁର ବିଧାନସଭା ପାଇଁ ୨୯ତାରିଖରେ ମତଦାନ ଅନୁଷ୍ଠିତ ହେବ।





ବିଜୟ ସଂକଳ୍ପ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।



ଯେଉଁମାନେ ଯୁକ୍ତି କରି ଜାଣନ୍ତି ନାହିଁ, ସେହିମାନେ ହିଁ କଥାବାର୍ତ୍ତାବେଳେ କଳି କରନ୍ତି।
-ଚେଷ୍ଟାର ଷ୍ଟେନ୍



## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ବିଦେଶୀ ମଦ ଜବତ: ଜଣେ ଗିରଫ



**ସାଲେପୁର, ୨୨।୪ (ଡ଼ି.ଏନ୍.ଏ):** ସାଲେପୁର ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ମାତ୍ର ଆଉ ୬ଦିନ ବାକିଥିବା ବେଳେ ସାଲେପୁର ଅବକାରୀ ବିଭାଗକୁ ସୋମବାର ଏକ ବଡ଼ ଧରଣର ସଫଳତା ମିଳିଛି। କଟକ ଜିଲା ଅବକାରୀ ବିଭାଗର ଅଧୀକ୍ଷକ ଅଶୋକ କୁମାର ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ମାତନଗର ଗ୍ରାମ ଉପରେ ଚଢ଼ାଉ କରାଯାଇଛି। ବିଦେଶୀ ମଦ ରଖିବା ଅଭିଯୋଗରେ କାହ୍ନୁ ଚରଣ ବେହେରାଙ୍କୁ ଗିରଫ କରାଯାଇଛି। ତାଙ୍କ ଘରୁ ୨୪ଲିଟର ବିଅର, ୧୭ଲିଟର୍ ୨୮୦ଗ୍ରାମ୍ ବିଦେଶୀ ମଦ ଜବତ କରାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ କେସ (ନଂ-୧୨/୧୯)ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉ ସମୟରେ ସାଲେପୁର ଅବକାରୀ ବିଭାଗ ନିରୀକ୍ଷକ ଅନୀତ ପ୍ରଧାନ, ଏସ୍‌ଆଇ. ତେଲେସଫର ଲାକ୍ରା, ଦେବେନ୍ଦ୍ର ଭୂୟାଁ, ଶରତଚନ୍ଦ୍ର ଜେନା, କନଷ୍ଟେବଲ ନିରଞ୍ଜନ ଖଟୁଆ ଓ ସୁନୀଲ୍ କୁମାର ବଳ ପ୍ରମୁଖ ସାମିଲ ହୋଇଥିଲେ।

### ନରସିଂହପୁର: ମତଦାନ ଲାଗି ପ୍ରସ୍ତୁତି ଜୋର୍‌ଦାର

**ନରସିଂହପୁର,୨୨।୪ (ଡି.ଏନ୍.ଏ.):** ଚଳିତ ସାଧାରଣ ନିର୍ବାଚନ ଲାଗି ନରସିଂହପୁର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର ହୋଇଛି। ବ୍ଲକର ୩୭ ପଞ୍ଚାୟତର ୨୫୬ ଗାଁ ଲାଗି ୧୫୬ ବୁଥ ପ୍ରସ୍ତୁତ ହୋଇଛି। ବ୍ଲକର ୧,୧୮, ୪୬୭ ଜଣ ଭୋଟର ମଙ୍ଗଳବାର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ପୁରୁଷ ଭୋଟରଙ୍କ ସଂଖ୍ୟା ୬୩,୨୨୭ ଥିବାବେଳେ ମହିଳା ଭୋଟର ୫୫,୨୪୦ ରହିଛନ୍ତି। ସବୁବୁଥରେ ପୁଲିଂ ପାର୍ଟି ପହଞ୍ଚି ସେମାନଙ୍କ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରିଛନ୍ତି ବୋଲି ନରସିଂହପୁର ବିଡିଓ ପ୍ରଶାନ୍ତ କୁମାର ତରାଇ କହିଛନ୍ତି। ଚଳିତ ନିର୍ବାଚନରେ ୮ଟି ବୁଥ୍‌କୁ ମଡେଲ ବୁଥ୍ ଭାବେ ନିଆଯାଇଛି। ଏଥିରେ ନିଜିଗଡ ବାଳିକା ପ୍ରାଥମିକ ବିଦ୍ୟାଳୟର ୩, ନିମସାହି ୟୁଜିଏମଇ ୨ଟି ବୁଥ୍ ସହ ପାର୍ବତୀପୁର, ହରିଚନ୍ଦନପୁର ଓ ନାରାୟଣୀପୁରରେ ଗୋଟିଏ ଲେଖାଏଁ ବୁଥ ରହିଛି। ବ୍ଲକର ୧୭ ବୁଥ୍‌କୁ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ଏଥିଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୬ ଜଣ ସେକ୍ଟର ଅଫିସର, ୪ ଜଣ ନୋଡାଲ ଅଧିକାରୀଙ୍କ ସହ ଆଠଗଡ ଉପଜିଲାପାଳଙ୍କ ତତ୍ତ୍ୱାବଧାନରେ କିଛି ସମ୍ବେଦନଶୀଳ ବୁଥରେ ସିସି ଟିଭି କ୍ୟାମେରା ସକାଳ ସୁଧା ଲଗାଯିବ ବୋଲି ବିଡିଓ ତରାଇ ସୂଚନା ଦେଇଛନ୍ତି। ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ଲାଗି ସବୁ ବ୍ୟବସ୍ଥା ଗ୍ରହଣ କରାଯାଇଛ ବୋଲି ସେ କହିଛନ୍ତି।

### 'ମୁଁ ବି ଗାନ୍ଧୀ ହେବି' ଶୀର୍ଷକ କର୍ମଶାଳା

**କଟକ ଅଫିସ, ୨୨।୪:** ସାମାଜିକ ସଙ୍ଗଠନ ଭଏସ୍ ଫର୍ ଭଏସ୍ ଲେସ୍ ପକ୍ଷରୁ ସୋମବାର କଟକ ଡଗରପଡାସ୍ଥିତ ସ୍ୱାମୀ ବିଚିତ୍ରା କଲ୍ୟାଣ ଆଶ୍ରମଠାରେ 'ମୁଁ ବି ଗାନ୍ଧୀ ହେବି' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହେଇଯାଇଛି। ଡ. ଦୀପକ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ଡ. ଦ୍ୱିପାୟନ ପଟ୍ଟନାୟକ, ପ୍ରାଧାପକ ଆଲୋକ ମିଶ୍ର, ଡ. ଓଁମକାର ରାଉତ, ବିଶ୍ୱବନ୍ଧନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗାନ୍ଧିଜୀଙ୍କ ଅବଦାନ ଓ ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। କୀର୍ତ୍ତିରଞ୍ଜନ ପାତ୍ର, ମୌସୁମୀ ପ୍ରଧାନ, ଡ. ହେମନ୍ତ ପରିଡା, ରାଜେନ୍ଦ୍ର ବାରିକ, ଅବିନାଶ ଦାସ, କାର୍ତ୍ତିକ ଚନ୍ଦ୍ର ସାହୁ, ମାନସ ରଞ୍ଜନ ବିଶ୍ୱାଳ, ଉମେଶ ପ୍ରସାଦ କର, ରତ୍ନପର୍ଣ୍ଣା ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଡ. ବିଭୁଦତ୍ତ ଖଣ୍ଡାୟତରାୟ୍ ଧନ୍ୟବାଦ ଦେଇଥିଲେ।

## ■ ଯୁକ୍ତ ୩ ସେମିଷ୍ଟର ପରୀକ୍ଷା ତାରିଖ ଘୋଷଣା ପରେ ଅସନ୍ତୋଷ

# ପରୀକ୍ଷା ଘୁଞ୍ଚାଇବା ଦାବିରେ ରାସ୍ତାରୋକୋ

**ନିଶ୍ଚିନ୍ତକୋଇଲି ୨୨।୪(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ଯୁକ୍ତ ୩ ପରୀକ୍ଷା ତାରିଖ ଘୋଷଣା ହୋଇଛି। ମାତ୍ର ଏହି ପରୀକ୍ଷା ତାରିଖ ଘୁଞ୍ଚାଇବା ପାଇଁ ଦାବି କରି ସୋମବାର ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ କଟକ-ଚାନ୍ଦବାଲି ରାସ୍ତାକୁ କଲେଜ ଛକ ନିକଟରେ ଅବରୋଧ କରିଥିଲେ। ପରୀକ୍ଷା ଘୁଞ୍ଚାଇବା ପାଇଁ ମହାବିଦ୍ୟାଳୟର ଅଧକ୍ଷ ଉତ୍କଳ ବିଶ୍ୱବିଦ୍ୟାଳୟର କଂଟ୍ରୋଲରଙ୍କୁ ଚିଠି(ନଂ-୨୭୦/୨୨।୪।୨୦୧୯) ଲେଖିଥିଲେ। ଏହାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ମିଳିଥିବା ସୂଚନା ଅନୁସାରେ, ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ୬ମାସରେ ଥରେ ସେମିଷ୍ଟର ପରୀକ୍ଷା କରାଯାଏ। ଗତ ଜାନୁୟାରୀ ୩୦ରେ ଯୁକ୍ତ ୩ର ପ୍ରଥମ ସେମିଷ୍ଟର ପାଇଁ ପରୀକ୍ଷା ହୋଇଥିଲା। ମାତ୍ର ୬ ମାସ ନ ପୂରୁଣୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ହଠାତ୍ ୨ୟ ସେମିଷ୍ଟାର ପାଇଁ ପରୀକ୍ଷା ଘୋଷଣା କରିଛନ୍ତି ବୋଲି ପିଲାମାନେ ଅଭିଯୋଗ କରିଥିଲେ। ଏହି ପରୀକ୍ଷା ୪ ମେ ୨୦୧୯ରେ ହେବ ବୋଲି ମହାବିଦ୍ୟାଳୟକୁ ଅବଗତ କରାଯାଇଛି। ଏହା ଜଣାପଡିବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରୀକ୍ଷା ଘୁଞ୍ଚାଇବାକୁ ଦାବି କରି ଛାତ୍ରୀଛାତ୍ରମାନେ କଟକ-ଚାନ୍ଦବାଲି ରାସ୍ତାକୁ ଅବରୋଧ କରିଥିଲେ। ଦୀର୍ଘ ଅଧଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ରାସ୍ତାରୋକୋ ହେବାରୁ ଯାତ୍ରୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଖବରପାଇ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପିଲାଙ୍କୁ ବୁଝାଶୁଝା କରିଥିଲା। ପୋଲିସ ଉପସ୍ଥିତିରେ ପିଲାମାନଙ୍କ ପ୍ରତିନିଧିଙ୍କୁ ନେଇ ଏକ ଜରୁରୀ ବୈଠକ ବସିଥିଲା। ଏହି ବୈଠକରେ ପିଲାମାନେ ସେମିଷ୍ଟର ପରୀକ୍ଷାକୁ ଘୁଞ୍ଚାଇବା ପାଇଁ ଜିଦ୍ ଧରିଥିଲେ। ଫଳରେ କଲେଜ ଅଧକ୍ଷ ସ୍ୱାଧୀନାନନ୍ଦ ପରିଡା ବାଧ ହୋଇ ପରୀକ୍ଷା ଘୁଞ୍ଚାଇବା ନିମନ୍ତେ ବିଶ୍ୱବିଦ୍ୟାଳୟ କଂଟ୍ରୋଲରଙ୍କୁ ଅବଗତ କରାଇଛନ୍ତି।

## କଲେଜ ଫାଟକ ସମ୍ମୁଖରେ ଆନ୍ଦୋଳନ



ଛାତ୍ରୀଛାତ୍ରମାନେ ଚୌଦ୍ୱାର କଲେଜ ସମ୍ମୁଖରେ ଧାରଣାରେ ବସିଛନ୍ତି।

**ଚୌଦ୍ୱାର, ୨୨।୪(ଡି.ଏନ୍.ଏ.)**

ଯୁକ୍ତ ୩ ଚତୁର୍ଥ ସେମିଷ୍ଟର ପରୀକ୍ଷା ପାଇଁ ତରବରିଆ ଭାବେ ବିଜ୍ଞପ୍ତି ପ୍ରକାଶ କରାଯିବାକୁ ନେଇ ସୋମବାର ଚୌଦ୍ୱାର ମହାବିଦ୍ୟାଳୟର ମୁଖ୍ୟଫାଟକରେ ତାଲା ପକାଇ ଛାତ୍ରୀଛାତ୍ରମାନେ ଆନ୍ଦୋଳନରେ ବସିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଏହି ସେମିଷ୍ଟର ପରୀକ୍ଷା ଆଗାମୀ ୪ତାରିଖରେ ଅନୁଷ୍ଠିତ ହେବା ନେଇ କଲେଜ ନୋଟିସ ବୋର୍ଡରେ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାକୁ ଦେଖି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଉକ୍ତ ପରୀକ୍ଷାକୁ ଆଉ କିଛିଦିନ ଘୁଞ୍ଚାଇବା ପାଇଁ ଦାବିକରି ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରିଥିଲେ। ଛାତ୍ରୀଛାତ୍ରଙ୍କ କହିବାନୁଯାୟୀ, କିଛିଦିନ ହେବ ପ୍ରଥମ ସେମିଷ୍ଟର ପରୀକ୍ଷା ସରିଛି। ହେଲେ ଚତୁର୍ଥ ସେମିଷ୍ଟର ପରୀକ୍ଷା ପାଇଁ ଆମେ ପ୍ରସ୍ତୁତ ହୋଇନାହୁଁ। ଏଭଳି ପରିସ୍ଥିତିରେ ଉଚ୍ଚଶିକ୍ଷା ବିଭାଗ ଏତେ ତରବରିଆ ଭାବେ ପରୀକ୍ଷା ପାଇଁ ବିଜ୍ଞପ୍ତି ଜାରି କରିବା ନେଇ ଆମେ ଆନ୍ଦୋଳନ କରିଛୁ। ଖବରପାଇ ଚୌଦ୍ୱାର ପୋଲିସ ପହଞ୍ଚି ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଆନ୍ଦୋଳନରୁ ହଟି ନ ଥିଲେ। ଏ ନେଇ କଲେଜ ଅଧକ୍ଷା ସ୍ମୃତି ପଟ୍ଟନାୟକ କହିଛନ୍ତି, ୪ର୍ଥ ସେମିଷ୍ଟର ପରୀକ୍ଷା ଆସନ୍ତା ୪ ତାରିଖରେ କରାଯିବା ପାଇଁ ଉଚ୍ଚଶିକ୍ଷା ବିଭାଗରୁ ସୋମବାର ଆମେ ଚିଠି ପାଇଛୁ। ପିଲାମାନଙ୍କ ଅଭିଯୋଗ ମଧ୍ୟ ଠିକ୍। ତେଣୁ କଲେଜ ତରଫରୁ ପତ୍ର ମାଧ୍ୟମରେ ଏ ବିଷୟରେ ଉଚ୍ଚଶିକ୍ଷା ବିଭାଗକୁ ଜଣାଇବୁ, ସେ ଯାହା ପଦକ୍ଷେପ ଗ୍ରହଣ କରିବେ। ଶେଷରେ ଅଧକ୍ଷା ଓ କର୍ମଚାରୀମାନେ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ସଡ଼କ ଦୁର୍ଘଟଣାରେ ୨ ଗୁରୁତର

**ନିଶ୍ଚିନ୍ତକୋଇଲି,୨୨।୪(ସ୍ୱ.ପ୍ର.)**

କଟକ-ଚାନ୍ଦବାଲି ରାସ୍ତାର କୁଳିଆ ବଜାର ନିକଟରେ ସୋମବାର ଏକ ସଡ଼କ ଦୁର୍ଘଟଣାରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ରାଇସୁଙ୍ଗୁଡା ଗ୍ରାମର ରଞ୍ଜନ କୁମାର ବେହେରା(୩୦) ଓ ଗୌତମ ସେଠୀ (୨୪)। ଉଭୟ ଏକ ବାଇକ୍ ଯୋଗେ ନିଶ୍ଚିନ୍ତକୋଇଲିରୁ ସାଲେପୁର ଅଭିମୁଖେ ଯାଉଥିଲେ। ଏହି ସମୟରେ କୁଳିଆ ବଜାର ନିକଟରେ ଏକ ସ୍କୁଟି ଗାଡି ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଉଭୟ ଗୁରୁତର ହୋଇଥିଲେ। ଖବରପାଇ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ରଞ୍ଜନ ଓ ଗୌତମଙ୍କୁ ଉଦ୍ଧାର କରି ପ୍ରଥମେ ସାଲେପୁର ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛି। ସାଲେପୁର ଥାନା ପୋଲିସ ସେଠାରେ ଉଭୟ ଗାଡିକୁ ଜବତ କରିଛି। ଖବର ଲେଖା ହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନଥିଲା।

## ଟ୍ରାକ୍ଟର ଓଲଟି ଡ୍ରାଇଭର, ଶ୍ରମିକ ଗୁରୁତର



ଚାଉଳ ବୋଝେଇ ଟ୍ରାକ୍ଟର ଓଲଟି ପଡିଛି।

**ସାଲେପୁର, ୨୨।୪ (ଡ଼ି.ଏନ୍.ଏ)**

ସାଲେପୁର ଥାନା ଅଧୀନ ସଉରୀ ପଞ୍ଚାୟତସ୍ଥିତ ଜାହାଙ୍ଗୀରାବାଦର ଏକ କେନାଲ୍ ବନ୍ଧରେ ସୋମବାର ଏକ ଚାଉଳ ବୋଝେଇ ଟ୍ରାକ୍ଟର ଓଲଟି ପଡିଛି। ଫଳରେ ୨ ଜଣ ଗୁରୁତର ହୋଇଛନ୍ତି। ଏକ ଟ୍ରାକ୍ଟରରେ ଚାଉଳ ବୋଝେଇ ହୋଇ ସାଲେପୁର ବ୍ଲକ୍‌ର ସଉରୀ ପଞ୍ଚାୟତର ଏକ ଡିଲର୍ ପଏଣ୍ଟକୁ ଯାଉଥିବା ବେଳେ ଜାହାଙ୍ଗୀରାବାଦ କେନାଲ୍ ବନ୍ଧ ପାର୍ଶ୍ୱରେ ଭାରସାମ୍ୟ ହରାଇ ବିଲକୁ ଓଲଟି ପଡିଛି। ଫଳରେ ଗାଡିରେ ଡାଇଭର ସମେତ ଏଥିରେ ଯାଉଥିବା ଜଣେ ଶ୍ରମିକ ଗୁରତର ହୋଇଥିଲେ। ଚାଉଳ ବସ୍ତାଗୁଡିକ ଶ୍ରମିକ ଉପରେ ପଡିଯିବାରୁ ସେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସାଲେପୁର ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବରପାଇ ପୋଲିସ ଟ୍ରାକ୍ଟର ସହ ସେଥିରେ ଥିବା ୨୦୦ରୁ ଉର୍ଦ୍ଧ୍ୱ ଚାଉଳ ବସ୍ତା ଜବତ କରିଛି। ଅପରପକ୍ଷେ ଗୁରୁତରମାନଙ୍କ ପରିଚୟ ମିଳିପାରିନାହିଁ ପୋଲିସ କହିଛି।

## ବିଶ୍ୱ ଧରିତ୍ରୀ ଦିବସରେ ପରିବେଶ ସଚେତନତା



ସାଲେପୁର ଗୋପୀନାଥପୁରସ୍ଥିତ ସେଣ୍ଟ ଜାଭିୟର ସ୍କୁଲରେ ବିଶ୍ୱ ଧରିତ୍ରୀ ଦିବସ ପାଳନ କରାଯାଉଛି।

**ସାଲେପୁର/ବାଙ୍କୀ, ୨୨।୪ (ଡ଼ି.ଏନ୍.ଏ/ସ୍ୱ.ପ୍ର.)**

ସାଲେପୁର ବ୍ଲକ୍‌ର ଗୋପୀନାଥପୁରସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ୍‌ରେ ସୋମବାର ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ପ୍ରମୋଦ ଦାସଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନଶିକ୍ଷକ ବଳରାମ ପାତ୍ର, ପଞ୍ଚାନନ ପାଣିଗ୍ରାହୀ, ସାହିତ୍ୟିକ ଫକୀର ଚରଣ ନାୟକ, ସେଣ୍ଟ ଜାଭିୟର୍ ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷୟିତ୍ରୀ ଦେବସ୍ମିତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଶ୍ୱ ଧରିତ୍ରୀ ଦିବସ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ କର୍ମକର୍ତ୍ତା ଅଭିଭାବକ ଯୋଗଦେଇଥିଲେ।

ସେହିପରି ଡମପଡ଼ା ବ୍ଲକ ଅନ୍ତର୍ଗତ ନନ୍ଦପୁର ଗ୍ରାମ ନିକଟରେ ସୋମବାର ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ଏନେଇ ସାମାଜିକ କର୍ମୀ ଗୌତମ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏକ ବୈଠକରେ ପରିବେଶ, ପ୍ରକୃତି ଓ ବୃକ୍ଷରୋପଣ ଉପରେ ଆଲୋଚନା ହୋଇଥିଲା। ବର୍ଷାଜଳ ସଂରକ୍ଷଣ ଓ ଅକ୍ଷୟ ଶକ୍ତିର ବିକାଶ ପାଇଁ କାର୍ଯ୍ୟକଲେ ତାହା ପରିବେଶ ଉପରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ମିଶ୍ର ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ମଙ୍ଗ ସେଠୀ, ଆର୍ତ୍ତବନ୍ଧୁ ସାହୁ ଓ ସାମାଜିକ କର୍ମୀ ଉଲ୍ଲାସ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିରେ ମିଶିଲେ କଂଗ୍ରେସ କର୍ମୀ

**ନିଆଳି, ୨୨।୪(ଡି.ଏନ୍.ଏ.)**

ନିଆଳି ବ୍ଲକ ଅନ୍ତର୍ଗତ କୂଳଜଲ୍ଲାରପୁରଠାରେ ସୋମବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡି ନେତା ପ୍ରଦୀପ ଦାସଙ୍କ ନେତୃତ୍ୱରେ ଝାଟୁ ସ୍ୱାଇଁ, ଦ୍ୱାରିକାନାଥ ନାୟକ, ସୁଶାନ୍ତ କୁମାର ରାଉତ, ଭଗବାନ ସାହୁ, ଚକ୍ରଧର ନାୟକଙ୍କ ସହ ୫୦ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ନିଆଳି ବିଧାୟକ ପ୍ରାର୍ଥୀ ଡା. ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସନ୍ଦେହଜନକ ମୃତ୍ୟୁ

**ନିଶ୍ଚିନ୍ତକୋଇଲି,୨୨।୪(ସ୍ୱ.ପ୍ର)**

ବଡମ୍ବା ବ୍ଲକ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉତ୍ତମାନନ୍ଦ ବେହେରା(୫୯)ଙ୍କ ସୋମବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ତାଙ୍କ ଘର ସାଲେପୁର ଥାନା ଅନ୍ତର୍ଗତ ରାମଶ୍ୱେରପୁର ପଞ୍ଚାୟତର ସାବିଜିପୁର ଗ୍ରାମରେ। ସେ କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଏକ ଭଡ଼ାଘରେ ରହୁଥିଲେ। ସେ ପୂର୍ବରୁ ନିଶ୍ଚିନ୍ତକୋଇଲି ବ୍ଲକର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସକାଳୁ ବେହେରା ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ସ୍ୱର୍ଣ୍ଣଲତା ସାହୁ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ପୁଅ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ପକ୍ଷରୁ ଅପମୃତ୍ୟୁ ମାମଲା (ନଂ ୧/୧୯)ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

## ଆଜି ମତଦାନ :ପ୍ରଶାସନର ପ୍ରସ୍ତୁତି ଶେଷ

**ବାଙ୍କୀ, ୨୨।୪ (ସ୍ୱ.ପ୍ର.)**

ସାଧାରଣ ନିର୍ବାଚନ ପାଇଁ ବାଙ୍କୀ ନିର୍ବାଚନମଣ୍ଡଳୀରେ ସୋମବାର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ନିର୍ବାଚନ ପାଇଁ ୧୪୦ ବୁଥ୍ କରାଯାଇଥିବା ବେଳେ ସମସ୍ତ ବୁଥ୍‌ରେ ଇଭିଏମ୍ ଓ ଭିଭିପିଏଟି ପହଞ୍ଚି ସାରିଛି। ମଙ୍ଗଳବାର ସକାଳୁ ଭୋଟ ଗ୍ରହଣ କାର୍ଯ୍ୟ ଆରମ୍ଭ ହେବ। ବୁଥଗୁଡିକରେ ଭୋଟରମାନଙ୍କୁ ପାନୀୟ ଜଳ ଯୋଗାଇଦେବା ସହ ଖରାରୁ ରକ୍ଷାପାଇବା ପାଇଁ ଟେଣ୍ଟ ଓ ବସିବା ପାଇଁ ଚୌକିର ବ୍ୟବସ୍ଥା କରାଯାଇଛି ବୋଲି ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ପ୍ରକାଶ କରିଛନ୍ତି। ମତଦାନ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁବାଙ୍କୀ ପ୍ରଶାସନ ପକ୍ଷରୁ ବୁଥ୍‌ଗୁଡିକରେ ପୋଲିସର ବ୍ୟବସ୍ଥା କରାଯାଇଛି।



ବାଙ୍କୀରେ ମତଦାନ ପାଇଁ ପ୍ରସ୍ତୁତି କାର୍ଯ୍ୟ ଚାଲିଛି।

## ■ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା

# ମନ୍ଦିର ପ୍ରଶାସନ ପ୍ରସ୍ତୁତି ପାଇଁ ସଜବାଜ

**ପୁରୁଣା ଭୁବନେଶ୍ୱର, ୨୨।୪(ଡି.ଏନ.ଏ.)**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ୧୨ ମାସରେ ୧୩ପର୍ବ। କେତେକ ଯାନିଯାତ୍ରା ମନ୍ଦିରରେ ପାଳିତ ହେଉଥିବାବେଳେ ଅନେକ ଯାନିଯାତ୍ରାରେ ଶ୍ରୀଜୀଉମାନେ ବିମାନ ଓ ପାଲିଙ୍କିରେ ବିଜେ ହୋଇ ଯାତ୍ରା କରିଥାନ୍ତି। ଶୁକ୍ରବାର ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥଯାତ୍ରା ଶେଷ ହୋଇଛି। ଚଳିତବର୍ଷ ରଥଯାତ୍ରାରେ ରଥ ଖଳାରୁ ରଥ ମାଉସୀ ମା' ଘରେ ପହଞ୍ଚିବା ପାଇଁ ୩ ଦିନ ଲାଗିଥିଲା। ଯାହା ୫୦ ବର୍ଷ ମଧ୍ୟରେ ଥିଲା ବ୍ୟତିକ୍ରମ। ଯାହା ପାଇଁ କେବଳ ଭକ୍ତ ନୁହନ୍ତି ବୁଦ୍ଧିଜୀବୀମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। କିଏ ପ୍ରବଳ ଖରାକୁ ଦାୟୀ କରୁଥିବା ବେଳେ, କିଏ ସେବାୟତ ଏବଂ ଆଉ କିଏ ପୋଲିସ୍ କାହିଁକି ଠିକ୍ ସମୟରେ ପହଞ୍ଚି ରଥ ଭିଡ଼ି ନ ଥିଲା ବୋଲି ଆରୋପ ପ୍ରତ୍ୟାରୋପ ଚାଲିଛି। ଅନେକେ ମନ୍ଦିର ପ୍ରଶାସନକୁ ମଧ ଦାୟୀ କରିଛନ୍ତି। ପ୍ରକୃତ ଦୋଷ ମୁଣ୍ଡେଇବାକୁ କେହି ପ୍ରସ୍ତୁତ ନୁହନ୍ତି। ଆଗକୁ ମହାପ୍ରଭୁଙ୍କର ୨୨ ଦିନିଆ ଚନ୍ଦନଯାତ୍ରା ଆରମ୍ଭ ହେବ। ଅକ୍ଷୟ ତୃତୀୟାଠାରୁ ଏହି ଚନ୍ଦନଯାତ୍ରାରେ ପବିତ୍ର ବିନ୍ଦୁସାଗରରେ ମହାପ୍ରଭୁ ଶ୍ରୀଲିଙ୍ଗରାଜ, ମା'ପାର୍ବତୀଙ୍କୁ ସାଙ୍ଗରେ ଧରି ଚାପ ଖେଳିବେ। ଏଥିପାଇଁ କୈବର୍ତ୍ତସାହିର ବାରଘରିଆ ନାଉରିଆ ସେବାୟତ ଚାପ ଡଙ୍ଗା ଚଳାଇବେ। ବିନ୍ଦୁସାଗରରେ ପାଣିରେ ବୁଡାଇ ରଖାଯାଇଥିବା ଦୁଇଟି ଚାପଡଙ୍ଗାକୁ ଉପରକୁ ଅଣାଯାଇ ମରାମତି ସହ ରଙ୍ଗ କାମ କରାଯିବ। ଚାପ ଡଙ୍ଗାରେ ବର୍ଷ ବର୍ଷ ପୂର୍ବରୁ ମହାପ୍ରଭୁ କପିଳେଶ୍ୱର ଦେବ ଯାତ୍ରା କରୁଥିଲେ। ୨୦୧୫ ଠାକୁରଙ୍କ ହାଣ୍ଡି ଭଙ୍ଗା ଯାତ୍ରା ବନ୍ଦ ପରଠାରୁ ଚାପଡଙ୍ଗାରେ କପିଳେଶ୍ୱର ଅନୁପସ୍ଥିତ ରହୁଛନ୍ତି। ବିଭିନ୍ନ ସମସ୍ୟା ଏବଂ ସେବାୟତମାନଙ୍କ ମଧ୍ୟରେ ଅନେକ ସମୟରେ ସମନ୍ୱୟର ଅଭାବରୁ ଠାକୁରଙ୍କର ନୀତିକାନ୍ତିରେ ବିଭ୍ରାଟ ହେବା ସହ ପରମ୍ପରା ଭଙ୍ଗ ହେବାର ନଜିର ରହିଛି। ଏସବୁ ମନ୍ଦିର ପ୍ରଶାସନର ମୁଣ୍ଡବିନ୍ଧାର କାରଣ ପାଲଟିଛି। ତେଣୁ ଠାକୁରଙ୍କ ଚନ୍ଦନଯାତ୍ରାକୁ ସଫଳ ଭାବେ ପରିଚାଳନା କରିବାକୁ ମନ୍ଦିର ପ୍ରଶାସନ ଏବେଠୁ ପ୍ରସ୍ତୁତି ଆରମ୍ଭ କରି ଦେଇଛି।

## କାଳବୈଶାଖୀ: ସହରର ବିଭିନ୍ନ ଅଞ୍ଚଳ ଜଳମଗ୍ନ

**କଟକ ଅଫିସ, ୨୨।୪**

କଟକ ଜିଲାରେ ଦୁଇଦିନ ହେବ ଖରା, ବର୍ଷାର ଲୁଚକାଳି ଖେଳ ଦେଖିବାକୁ ମିଳିଛି। ଜିଲାରେ ସକାଳେ ଟାଣ ଖରା ହେଉଥିବାବେଳେ ସନ୍ଧ୍ୟାପରେ କାଳବୈଶାଖୀ ଦେଖିବାକୁ ମିଳିଛି। କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ସାଙ୍ଗକୁ ପବନ, ବଜ୍ରପାତ ଲୋକଙ୍କୁ ଭୟଭୀତ କରିଛି। ରବିବାର ଦିନରେ ତାପମାତ୍ରା ୩୮ ଡିଗ୍ରୀ ଥିବା ଅନୁମାନ କରାଯାଇଥିବାବେଳେ ସନ୍ଧ୍ୟାରେ ୫୦ କିମି ବେଗରେ ପବନ ବହିଥିଲା। ଏଥିଯୋଗୁ ବିଦ୍ୟୁତ୍ କାଟ ହେବାରୁ ରାସ୍ତାଘାଟ ଅନ୍ଧକାରମୟ ହୋଇଯାଇଥିଲା। ବର୍ଷା ପ୍ରଭାବରେ ସୋମବାର ତାପମାତ୍ରା କମି ୩୬ ଡିଗ୍ରୀ ହୋଇଥିବାବେଳେ ଗୁଳୁଗୁଳି ବହୁତ ଅନୁଭବ ହେଉଥିଲା। ସୋମବାର ସନ୍ଧ୍ୟାରେ ୫୦ କିମି ବେଗରେ ପବନ ବହିବା ସହ ୩ଘଣ୍ଟା କାଳ ଅନ୍ଧକାରମୟ ହୋଇଯାଇଥିଲା ସାରା ସହର। ବିଭିନ୍ନ କାମରେ ଯାଇଥିବା ଲୋକେ ଝଡବର୍ଷା ଯୋଗୁ ବାଟରେ ଅଟକି ରହିଥିଲେ। ବର୍ଷା ଯୋଗୁ ରାସ୍ତା ଉପରେ ପାଣି ଲହଡି ମାରିବା ସହ ସହରର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। ଏଥିସହ ନାଳପାଣି ରାସ୍ତାରେ ଭାଶୁଥିବା ଦେଖିବାକୁ ମିଳିଥିଲା।

## ■ ସାଲେପୁର ଅଞ୍ଚଳରେ ବୃଦ୍ଧିପାଉଛି ତାପମାତ୍ରା

# ଚୁପ୍ ବସିଛି ବ୍ଲକ ପ୍ରଶାସନ

**ସାଲେପୁର, ୨୨।୪ (ଡ଼ି.ଏନ୍.ଏ)**

ସାଲେପୁର ଅଞ୍ଚଳରେ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଦିନ ୧୨ଟା ପରେ ପଦାକୁ ବାହାରିବା କାଠିକାର ହୋଇପଡୁଛି। ଏବେ ଦୁଇଦିନ ଧରି ତାପମାତ୍ରା ୪୦ ଡିଗ୍ରୀ ରହୁଛି। ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ୧୮ତାରିଖରୁ ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ କରାଯାଇଥିବା ବେଳେ କୋଚିଂ ସେଣ୍ଟରର ଉପରେ କୌଣସି କଟକଣା ଜାରି କରାଯାଇନାହିଁ। ଫଳରେ ବହୁ ଛାତ୍ରୀଛାତ୍ର କୋଚିଂ ସେଣ୍ଟରକୁ ଯାଇ ଦିନ ୧ଟା ବେଳେ ପ୍ରବଳ ଖରାବେଳେ ଘରକୁ ଫେରୁଛନ୍ତି। ଅପରପକ୍ଷେ କଟକ-ଚାନ୍ଦବାଲି ରାସ୍ତାର ଦୁଇପାର୍ଶ୍ୱରେ ଗଛଗୁଡ଼ିକୁ କାଟି ଦିଆଯାଇଛି। ମାତ୍ର ବୃକ୍ଷରୋପଣ ଲାଗି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ସୂଚନାଯୋଗ୍ୟ, ୨ ବର୍ଷ ପୂର୍ବେ ଜଗତ୍‌ପୁରଠାରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ଉଭୟ ପାର୍ଶ୍ୱରୁ ଗଛଗୁଡିକ କାଟି ଦିଆଯାଇଥିଲା। ଅଦ୍ୟାବଧି ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ ରାସ୍ତାର ଉଭୟ ପାର୍ଶ୍ୱରେ କୌଣସି ଗୋଟିଏ ଗଛ ଲଗାଗଲାନାହିଁ। ଯାହା ଫଳରେ ଖରାଦିନେ ଯାତ୍ରୀମାନେ ଏହି ବାଟଦେଇ ଗଲାବେଳେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ବିଭିନ୍ନ ପଞ୍ଚାୟତ ପକ୍ଷରୁ ଏପର୍ଯ୍ୟନ୍ତ ଜଳଛତ୍ର କେନ୍ଦ୍ର ଖୋଲାଯାଇ ନାହିଁ। ଗାଁ କଲ୍ୟାଣ ସମିତି ସହଯୋଗରେ ଏହି ବ୍ଲକର ପ୍ରତି ପଞ୍ଚାୟତରେ ଗତବର୍ଷ ଜଳଛତ୍ର କେନ୍ଦ୍ର ଖୋଲାଯାଇଥିବା ବେଳେ ଚଳିତ ବର୍ଷ ଏପ୍ରିଲ୍ ମାସ ଶେଷ ହେବାକୁ ଯାଉଥିବା ବେଳେ ଏ ପର୍ଯ୍ୟନ୍ତ କୌଣସି ଜଳଛତ୍ର କେନ୍ଦ୍ର ଖୋଲାଯାଇନାହିଁ। ଏଥିଯୋଗୁ ପ୍ରଚଣ୍ଡ ଖରାରେ ଲୋକଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ସେହିପରି ସ୍ଥାନୀୟ ଅଞ୍ଚଳର ଅଧିକାଂଶ ନଳକୂପ ଅଚଳ ହୋଇପଡ଼ିଥିବା ବେଳେ ଅଦ୍ୟାବଧି କାର୍ଯ୍ୟକ୍ଷମ ହେଉନାହିଁ। ଗ୍ରାମ୍ୟ ପାନୀୟ ଜଳ ପରିମଳ ବିଭାଗ ପକ୍ଷରୁ ନଳକୂପଗୁଡିକର ମରାମତି ପାଇଁ ସାଧାରଣରେ ଦାବି ହୋଇଛି। ଅପରପକ୍ଷେ ବ୍ଲକ୍ ପ୍ରଶାସନ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି କୁହାଯାଉଛି।



ଯେଉଁମାନେ ଯୁକ୍ତି କରି ଜାଣନ୍ତି ନାହିଁ, ସେହିମାନେ ହିଁ କଥାବାର୍ତ୍ତାବେଳେ କଳି କରନ୍ତି।

-ଚେଷ୍ଟାର ଷ୍ଟେନ୍

# ସବୁ ବୁଥ୍‌ରେ ପହଞ୍ଚିଲେ ପୋଲିଂ ପାର୍ଟି

**ପୁରୀ ଅଫିସ, ୨୨।୪**

ପୁରୀ ଲୋକ ସଭା ଏବଂ ୪ଟି ବିଧାନସଭା କ୍ଷେତ୍ରରେ ମଙ୍ଗଳବାର ଭୋଟ ଗ୍ରହଣ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସୋମବାର ସବୁ ବୁଥ୍‌ରେ ପୋଲିଂ ପାର୍ଟି ପହଞ୍ଚିଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ପରିସରରୁ ଇଭିଏମ୍, ଭିଭିପ୍ୟାଟ୍, କାଳି, ଭୋଟର ତାଲିକା, ଲଣ୍ଠନ ଆଦି ସମସ୍ତ ଆବଶ୍ୟକ ସାମଗ୍ରୀ ସାଥୀରେ ନେଇଯାଇଛନ୍ତି ନିର୍ବାଚନ ପରିଚାଳନାରେ ଥିବା ଅଧିକାରୀମାନେ। ରବିବାର ପୁରୀ ଜିଲାର ୩ଟି ନିର୍ବାଚନମଣ୍ଡଳୀ (ପିପିଲି, ସତ୍ୟବାଦୀ ଓ ବ୍ରହ୍ମଗିରି)କୁ ଅଧିକାରୀମାନେ ଯାଇଥିବାବେଳେ ସୋମବାର ପୁରୀ ନିର୍ବାଚନମଣ୍ଡଳୀର ବିଭିନ୍ନ ବୁଥ୍‌କୁ ଯାଇଛନ୍ତି ପୋଲିଂ ପାର୍ଟି।

ପୁରୀ ଜିଲାରେ ୬ଟି ନିର୍ବାଚନମଣ୍ଡଳୀ ପିପିଲି, ସତ୍ୟବାଦୀ, ପୁରୀ, ବ୍ରହ୍ମଗିରି, କାକଟପୁର ଓ ନିମାପଡ଼ା ରହିଛି। ଏଥିମଧ୍ୟରୁ ପୁରୀ ଲୋକସଭା ଅଧୀନରେ ରହିଛି ଜିଲାର ୪ଟି (ପିପିଲି, ସତ୍ୟବାଦୀ, ବ୍ରହ୍ମଗିରି ଓ ପୁରୀ) ବିଧାନସଭା ନିର୍ବାଚନମଣ୍ଡଳୀ। ଅନ୍ୟ ୨ଟି (କାକଟପୁର ଓ ନିମାପଡ଼ା) ଜଗତ୍‌ସିଂହପୁର ସଂସଦୀୟ କ୍ଷେତ୍ର ଅଧୀନରେ ଥିବାବେଳେ ଆସନ୍ତା ୨୯ ତାରିଖରେ ସେଠାରେ ଭୋଟ ହେବ। କିନ୍ତୁ ତୃତୀୟ ପର୍ଯ୍ୟାୟରେ ଅର୍ଥାତ୍ ମଙ୍ଗଳବାର ହେବାକୁ ଥିବା ପୁରୀ ଜିଲାର ୪ଟି ବିଧାନସଭା ଆସନରେ ମୋଟ ୮,୮୧,୩୦୧ ଭୋଟର ଥିବା ବେଳେ ୧୦୩୩ଟି ବୁଥ୍ ହୋଇଛି। ପ୍ରତ୍ୟେକ ବୁଥ୍‌ରେ ୫ଜଣ ଲେଖାଏ ମୋଟ ୫,୧୬୫ ଜଣ ପୋଲିଂ ଅଧିକାରୀ ଓ ଜଣେ ଲେଖାଏ ହିସାବରେ ମୋଟ ୧,୦୩୩ ପ୍ରିଜାଇଡିଂ ଅଫିସର ଏହିପରି ମୋଟ ୬,୧୯୮ ଅଧିକାରୀଙ୍କୁ ପରିଚାଳନା ଦାୟିତ୍ୱ ଦିଆଯାଇଛି। ୧,୦୩୩ ବୁଥ୍ ମଧ୍ୟରୁ ୪୮ଟି ଅତି ଉତ୍ତେଜନାପ୍ରବଣ, ୯୫ଟି ଉତ୍ତେଜନାପ୍ରବଣ ଓ ୫୨ଟି ସମ୍ବେଦନଶୀଳ ଭାବେ ଚିହ୍ନଟ ହୋଇଛି। ଏହି ବୁଥ୍‌ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଅଧିକ କଡ଼ାକଡ଼ି କରାଯିବା ସହ ସ୍ୱତନ୍ତ୍ର ନଜର ରଖାଯାଇଛି। କୌଣସି ପରିସ୍ଥିତିରେ ଇଭିଏମ୍ ଖରାପ ହେଲେ ବା ମେଶିନରେ ତ୍ରୁଟି ଦେଖାଦେଲେ ତାହାକୁ ତୁରନ୍ତ ମରାମତି କରିବା ଏବଂ ଆବଶ୍ୟକ ପଡ଼ିଲେ ବଦଳାଇବାକୁ ମଧ୍ୟ ତ୍ୱରିତ୍ୱ ବ୍ୟବସ୍ଥା କରାଯାଇଛି। ସେହିପରି ୮/୧୦ଟି ବୁଥ୍‌କୁ ନେଇ ଗୋଟିଏ ସେକ୍ଟର କରାଯାଇଛି। ଏଠାରେ ଜଣେ ଲେଖାଏ ସେକ୍ଟର ଅଫିସର ଅଛନ୍ତି। କୌଣସି ସମସ୍ୟା ହେଲେ ଘଟଣାସ୍ଥଳରେ ତାହାର ସମାଧାନ ପାଇଁ ସେକ୍ଟର ଅଫିସରଙ୍କୁ ତାଲିମ ଦିଆଯାଇଛି। ଇଭିଏମ୍ ପରିବର୍ତ୍ତନ ନେଇ ଯଦି ପ୍ରିଜାଇଡିଂ ଅଫିସର ଭାବନ୍ତି ତେବେ ସେକ୍ଟର ଅଫିସରଙ୍କଠାରୁ ଏଥିପାଇଁ ଅନୁମତି ନେବେ। ଏଥିପାଇଁ ଆବଶ୍ୟକ ଇଭିଏମ୍‌ଠାରୁ ୧୦ ପ୍ରତିଶତ ମେଶିନ କମିଶନିଂ ପରେ ପ୍ରସ୍ତୁତ କରି ରଖାଯାଇଛି। ସେହିଭଳି ପୋଲିଂ ବା ପ୍ରିଜାଇଡିଂ ଅଫିସର ଯଦି ଅନୁପସ୍ଥିତ ରୁହନ୍ତି ତେବେ ସେମାନଙ୍କ ଜାଗାରେ ତୁରନ୍ତ ଅଧିକାରୀଙ୍କୁ ନିୟୋଜିତ ଲାଗି ଅନ୍ୟ ଅଧିକାରୀଙ୍କୁ ସଜାଗ ରଖାଯାଇଛି। ସବୁ ବୁଥ୍‌ର ସୁପରିଚାଳନା ପାଇଁ ୨ଜଣ ଅଫିସର ଦାୟିତ୍ୱ ନେଇଛନ୍ତି। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶଙ୍କ ଅଧୀନରେ ସତ୍ୟବାଦୀ ଓ ପିପିଲି ଏବଂ ଉପଜିଲାପାଳ ଭବତାରଣ ସାହୁଙ୍କ ଅଧୀନରେ ପୁରୀ ଓ ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି।



ବୁଥ୍‌ରେ ପୋଲିଂ କର୍ମଚାରୀମାନେ ମତଦାନ ପାଇଁ ପ୍ରସ୍ତୁତି ଚଳାଇଛନ୍ତି।

**ଆଜି ମତଦାନ**

- ୧,୦୩୩ ବୁଥ୍
- ୪୮ ଅତିଉତ୍ତେଜନା ପ୍ରବଣ
- ୮,୮୧,୩୦୧ ଭୋଟର

## ଦିବ୍ୟାଙ୍ଗ ଭୋଟରଙ୍କ ଲାଗି ସ୍ୱତନ୍ତ୍ର ସୁବିଧା

ଦିବ୍ୟାଙ୍ଗ ଭୋଟରଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେମାନଙ୍କୁ ଘରୁ ଆଣିବା ଏବଂ ଛାଡ଼ିବା ଲାଗି ଗାଡ଼ିର ବ୍ୟବସ୍ଥା ହୋଇଛି। ଦୃଷ୍ଟିଶକ୍ତି ବାଧିତ ଭୋଟରଙ୍କ ଲାଗି ବ୍ରେଲି ବାଲଟ୍ ବ୍ୟବସ୍ଥା ହୋଇଛି। ସେମାନେ ବାଲଟକୁ ସ୍ପର୍ଶ କରି ଚିହ୍ନ ଏବଂ ଦଳ ବାବଦରେ ଅବଗତ ହୋଇ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେଇପାରିବେ। ସବୁ ବୁଥ୍‌ରେ ଦିବ୍ୟାଙ୍ଗ ଭୋଟରଙ୍କ ଲାଗି ର୍‍ୟାମ୍ପ ସହିତ ଚକଲଗା ଚୌକି ବ୍ୟବସ୍ଥା ହୋଇଛି। ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯାଇଛି। ପ୍ରତ୍ୟେକ ମତଦାନ କେନ୍ଦ୍ରରେ ବିଶ୍ରାମସ୍ଥଳୀ ଓ ପାନୀୟଜଳ ସୁବିଧା କରାଯାଇଛି। ମୋଟାମୋଟି ବୁଥ୍‌ଗୁଡ଼ିକୁ ଦିବ୍ୟାଙ୍ଗ ବନ୍ଧୁତାପୂର୍ଣ୍ଣ କରାଯାଇଛି।

## ବୁଥ୍‌ରୁ ହେବ ୱେବ୍ କାଷ୍ଟ

ମତଦାନ ବ୍ୟବସ୍ଥାକୁ ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ କରିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୬୩ ଜାଗାରୁ ୱେବ୍‌କାଷ୍ଟ ବ୍ୟବସ୍ଥା କରାଯାଇଥିବା ବେଳେ କେତେକ ବୁଥ୍‌ରେ ସିସିଟିଭି ଲଗାଯାଇଛି। ୱେବ୍‌କାଷ୍ଟ ଜରିଆରେ ଯେ କୌଣସି ସ୍ଥାନରୁ ଜିଲାପାଳ ତଥା ଅନ୍ୟାନ୍ୟ ସ୍ୱୀକୃତିପ୍ରାପ୍ତ ଅଧିକାରୀ ସମ୍ପୃକ୍ତ ବୁଥ୍‌ଗୁଡ଼ିକର ତାଜା ସ୍ଥିତି ଦେଖିପାରିବେ। ସିସିଟିଭି ଜରିଆରେ ଏହିସବୁ ସ୍ଥାନର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇପାରିବ।

**ସଂକ୍ଷେପରେ**



## ଗୋପରେ ବିଜେଡିର ରୋଡ୍ ଶୋ'

**ଗୋପ, ୨୨।୪(ଡି.ଏନ୍.ଏ.):** ବିଜେଡି ପକ୍ଷରୁ ସୋମବାର ନିମାପଡ଼ା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ସମୀର ରଞ୍ଜନ ଦାଶ, ଅଣ୍ଡରା, ଇଚ୍ଛାପୁର ଓ ଗୋପ ଗ୍ରାମପଞ୍ଚାୟତରେ ରୋଡ଼ ଶୋ' କରିଛନ୍ତି। ଦୁଇଟି ପଞ୍ଚାୟତର ବିଭିନ୍ନ ଗ୍ରାମର ଘରକୁ ଘର ବୁଲି ପ୍ରଚାର କରିବା ସହ ବିଜେଡିକୁ ଭୋଟଦେବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ଗୋପ ବଜାର ଠାରେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେଇ ସେ କେନ୍ଦ୍ରର ଭାଜପା ସରକାରଙ୍କୁ ସମାଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ଅଜୟ ଜେନା, ରମଣ ପଟ୍ଟନାୟକ, ଗୋପ ପଞ୍ଚାୟତ ବିଜେଡି ସଭାପତି ତ୍ରୈଲୋଚନ ସାହୁ, ଯୁବ ନେତା ସୁରେଶ କୁମାର ସାହୁ, ସୀତାବ ଆଲାମ ସେଖ୍ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ଦାଶଙ୍କ ଜନ୍ମ ଦିବସ ହୋଇଥିବାରୁ ପ୍ରଚାର ସମୟରେ କେତେକ ସ୍ଥାନରେ କର୍ମୀ ଓ ଭୋଟରମାନେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ନିମାପଡ଼ାରେ ଧର୍ମେନ୍ଦ୍ରଙ୍କ ନିର୍ବାଚନୀ ପ୍ରଚାର

**ନିମାପଡ଼ା,୨୨।୪(ଡି.ଏନ୍.ଏ.):** ଜଗତ୍‌ସିଂହପୁର ଭାଜପା ଲୋକ ସଭା ପ୍ରାର୍ଥୀ ବିଭୁପ୍ରସାଦ ତରାଇ ଓ ନିମାପଡ଼ା ବିଧାୟକ ପ୍ରାର୍ଥୀ ପ୍ରଭାତୀ ପରିଡାଙ୍କ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନିମାପଡ଼ାରେ ପ୍ରଚାର କରିଛନ୍ତି। ସ୍ଥାନୀୟ ବାରବାଟୀ ପଡ଼ିଆରେ ହେଲିକପ୍ଟରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପହଞ୍ଚିବା ପରେ ଏକ ସୁସଜ୍ଜିତ ଗାଡିରେ ଶୋଭାଯାତ୍ରାରେ ବାହାରି ପ୍ରଚାର କରିବା ସହ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ଦେବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ। ଏହି ଶୋଭାଯାତ୍ରା ନିମାପଡ଼ା ରଟିଲୋ ଛକରୁ ବାହାରି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟାରେ ଛାତ୍ର, ଯୁବକ, ମହିଳା, ଦଳୀୟ କର୍ମୀ ଯୋଗଦେଇଥିଲେ। ଭାଜପା ସରକାରକୁ ଆସିଲେ ନିମାପଡ଼ାର ଛେନାଝିଲିକୁ ଜିଆଇଟ୍ୟାଗ ଓ ନିମାପଡ଼ାକୁ ସବ୍‌ଡିଭିଜନର ମାନ୍ୟତା ପାଇଁ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ଏହି ଅବସରରେ ନିମାପଡ଼ାର ବିଭିନ୍ନ ସ୍ଥାନରେ ଦଳୀୟ କର୍ମୀମାନେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।




ଭୋଟର ସଚେତନତା ଲାଗି ସୋମବାର ପୁରୀ ବେଳାଭୂମିରେ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ଆମ୍ବିଳିଗାଁ ବିକାଶ ପରିଷଦର ତୃତୀୟ ବାର୍ଷିକ ସମାରୋହ

**କୋଣାର୍କ, ୨୨।୪(ଡି.ଏନ୍.ଏ.)**

କୋଣାର୍କ ନିକଟ ଆମ୍ବିଳିଗାଁ ବାତ୍ୟା ଆଶ୍ରୟସ୍ଥଳଠାରେ ଆମ୍ବିଳିଗାଁ ବିକାଶ ପରିଷଦର ତୃତୀୟ ବାର୍ଷିକ ସମାରୋହ ଆୟୋଜିତ ହୋଇଯାଇଛି। ଏହି ଅବସରରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଉପକରଣ ବିତରଣ କରାଯାଇଛି। ଆମ୍ବିଳିଗାଁ ବିକାଶ ପରିଷଦର ସଭାପତି ରାଜକିଶୋର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମଙ୍ଗଳା ସାହିତ୍ୟ ସଂସଦର ସଭାପତି ସ୍ୱପ୍ନେଶ୍ୱର ସାହୁ ମୁଖ୍ୟ ଅତିଥିରୂପେ ଯୋଗଦେଇ ଥିଲେ।

■କାକଟପୁରରେ ଭାଜପାର ବିଜୟ ସଂକଳ୍ପ ସଭା

## ପରାଜୟ ଭୟରେ ବିଜେଡି ହିଂସାକୁ ଅସ୍ତ୍ର କରୁଛି: ଧର୍ମେନ୍ଦ୍ର



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସଭାରେ ଉଦ୍‌ବୋଧନ ଦେଉଛନ୍ତି।

**କାକଟପୁର, ୨୨।୪(ଡି.ଏନ୍.ଏ.)**

କାକଟପୁର ବ୍ଲକ ପଡ଼ିଆଠାରେ ସୋମବାର ଭାଜପାର ବିଜୟ ସଂକଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିରେ ଯୋଗଦାନ କରି ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥୀ ବିଭୁପ୍ରସାଦ ତରାଇ ଏବଂ କାକଟପୁର ବିଧାୟକ ପ୍ରାର୍ଥୀ ରବି ମଲ୍ଲିକଙ୍କ ପାଇଁ ପ୍ରଚାର କରିଥିଲେ। ନିଜ ଉଦ୍‌ବୋଧନରେ ଖଣି ମାଫିଆମାନେ ରାଜ୍ୟ ଚଳାଉଥିବା ନେଇ ଟାର୍ଗେଟ କରିଥିଲେ। ପରାଜୟ ଭୟରେ ଶାସକ ବିଜେଡି ଏବେ ହିଂସାକୁ ଅସ୍ତ୍ର କରି ରାଜ୍ୟସାରା ଗୁଣ୍ଡାଗର୍ଦ୍ଦି କରୁଛି। ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ଗୁଣ୍ଡା, ଅସାମାଜିକ, ବଳାତ୍କାରୀମାନଙ୍କୁ ଜେଲ୍ ପଠାଇବ। ଓଡ଼ିଶାର ବିକାଶ ପାଇଁ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ସଭାରେ ଗୌରୀଶଙ୍କର ଦାଶ ଅଧ୍ୟକ୍ଷତା କରିଥିବାବେଳେ ପୁରୀ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର, ସମ୍ପାଦକ ରତିକାନ୍ତ ବେହେରା, କାକଟପୁର ସରପଞ୍ଚ ସୌଦାମିନୀ ବରାଳଙ୍କ ସମେତ କାକଟପୁର, ଅସ୍ତରଙ୍ଗ, ଗୋପ ମଣ୍ଡଳ, କୋଣାର୍କ ଏନ୍‌ଏସିର ଦଳୀୟ କର୍ମକର୍ତ୍ତା ଯୋଗଦାନ କରିଥିଲେ। ସୂଚନା ଥାଉକି, ଜଗତ୍‌ସିଂପୁର ଲୋକସଭା କ୍ଷେତ୍ର ଅନ୍ତର୍ଗତ କାକଟପୁର ବିଧାନସଭା ପାଇଁ ୨୯ତାରିଖରେ ମତଦାନ ଅନୁଷ୍ଠିତ ହେବ।

# ପ୍ରଥମ ମତଦାନକୁ ନେଇ ଉତ୍ସାହିତ ଯୁବ ଭୋଟର

**ପୁରୀ ଅଫିସ, ୨୨।୪**

ପୁରୀ ଲୋକସଭା ଓ ବିଧାନସଭା ସଂସଦୀୟ କ୍ଷେତ୍ର ଲାଗି ମଙ୍ଗଳବାର ମତଦାନ ହେବ। ବହୁ ଯୁବ ଭୋଟର ପ୍ରଥମ ଥର ଲାଗି ମତଦାନ କରିବେ। ପ୍ରଥମ ମତଦାନକୁ ନେଇ ଯୁବ ଭୋଟରଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଛି। ପୁରୀ ସହରର କେତେଜଣ ଯୁବ ଭୋଟରଙ୍କ ମତାମତକୁ ନେଇ ଏହି ଉପସ୍ଥାପନା...

### ରାଷ୍ଟ୍ର ହିତ ପାଇଁ ମତଦାନ କରିବି

ଏହା ମୋ' ଜୀବନର ପ୍ରଥମ ମତଦାନ। ମୁଁ ଏହି ଦିନକୁ ଉତ୍କଣ୍ଠା ଓ ଉତ୍ସାହର ସହ ଅପେକ୍ଷା କରିଥିଲି। ନିଜ ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ରର ସୁରକ୍ଷା ଲାଗି ମତଦାନ କରିବି। ଶତ ପ୍ରତିଶତ ମତଦାନରେ ନିଜେ ସାମିଲ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ସାମିଲ କରିବା ଲାଗି ଚେଷ୍ଟା କରିବି। ରାଷ୍ଟ୍ର ନିର୍ମାଣରେ ମୁଁ ମଧ୍ୟ ଗୁଣ୍ଡିଚି ମୂଷାର ଭୂମିକା ନିର୍ବାହ କରିବି।

–ସତ୍ୟକାମ ସାହୁ।

### ମତଦାନ ପାଇଁ ଖୁସି

ମତଦାନ ନିମନ୍ତେ ମୁଁ ଅତ୍ୟନ୍ତ ଖୁସି। ଦେଶର ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ପାଇଁ ମୁଁ ଭୋଟ ଦେବି। କେହି ବି ଏଥିରୁ ବଞ୍ଚିତ ନ ହେବା ଉଚିତ। ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେଇ ପ୍ରଗତିରେ କର୍ଣ୍ଣଧାର ହେବା ଲାଗି ମୁଁ ସମସ୍ତ ଭୋଟରଙ୍କୁ ଆହ୍ୱାନ କରୁଛି।

–ଜ୍ୟୋତିର୍ମୟୀ ପଣ୍ଡା।

### ମୋ ପାଇଁ ସ୍ମରଣୀୟ ହୋଇ ରହିବ

ମତଦାନ କରିବାର ଅଧିକାର ପାଇ ମୁଁ ଭାରତୀୟ ନାଗରିକ ହେବାର ପରିଚୟ ପାଇଛି। ପ୍ରଥମ ଥର ଏହି ନିର୍ବାଚନରେ ଭୋଟ ଦେବି। ଏହା ମୋ ପାଇଁ ସ୍ମରଣୀୟ ହୋଇ ରହିବ। ପୁରୀର ବିକାଶ ତଥା ରାଷ୍ଟ୍ରର ହିତ ଦୃଷ୍ଟିରୁ ମତଦାନ କରିବି।

–ସୁମିତ୍ରା ଦଲାଇ

### ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବି

ମୁଁ ଜଣେ ଯୁବ ଭୋଟର ଭାବେ ମତଦାନ ସାବ୍ୟସ୍ତ କରିବା ଲାଗି ସୁଯୋଗ ପାଇଛି। ସହରର ବିକାଶ ତଥା ସୁଦୃଢ଼ ରାଷ୍ଟ୍ର ଗଠନ ଲାଗି ଯେଉଁ ପ୍ରାର୍ଥୀ ପ୍ରତିଶ୍ରୁତି ଦେବେ ତାଙ୍କୁ ଭୋଟ ଦେବି।

–ବିଶାଳ ମହାନ୍ତି

### ଅତ୍ୟନ୍ତ ଉତ୍ସାହିତ

ମତଦାନ ଜଣେ ନାଗରିକର ପ୍ରଥମ କର୍ତ୍ତବ୍ୟ। ଏଥିରୁ କେହି ବଞ୍ଚିତ ହେବା ଉଚିତ ନୁହେଁ। ମୁଁ ପ୍ରଥମ ଥର ମତଦାନ କରିବାକୁ ଯାଉଛି। ଭୋଟର ଲିଷ୍ଟରେ ମୋର କ୍ରମିକ ନମ୍ବରକୁ ଦେଖି ମୁ ଖୁସି। ସମାଜ ତଥା ଦେଶର କଲ୍ୟାଣ ନିମନ୍ତେ ମତଦାନ କରିବି।

–ରବି ନାରାୟଣ ନାୟକ

### ରାଷ୍ଟ୍ର ସ୍ୱାର୍ଥ ଆଗ

ବିଧାନସଭା ଓ ଲୋକସଭା ପ୍ରାର୍ଥୀଙ୍କୁ ଭୋଟ ଦେବାର ସୁଯୋଗ ପାଇଛି। ମୋ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ରର ସ୍ୱାର୍ଥ ମହତ୍ତ୍ୱପୂର୍ଣ୍ଣ। ଦେଶ ହିତ ସକାଶେ ମତଦାନ କରିବି। ସମସ୍ତେ ଭୋଟ ଦେବାକୁ ମୁଁ ଆହ୍ୱାନ କରୁଛି।

–ବିକ୍ରମ ନାୟକ



ସୁସଜ୍ଜିତ ବିମାନରେ ଠାକୁର ନଗର ପରିକ୍ରମା କରୁଛନ୍ତି।

## ଗିରିଗୋବର୍ଦ୍ଧନ ପୂଜା, ଗୋଧନ ବାହୁଡ଼ାଯାତ୍ରା

**ନିମାପଡ଼ା,୨୨।୪(ଡି.ଏନ୍.ଏ.)**

ନିମାପଡ଼ା ଥାନା ଓ ଗିରିଗୋବର୍ଦ୍ଧନ ପୂଜା କମିଟି ପକ୍ଷରୁ ଗିରିଗୋବର୍ଦ୍ଧନ ପୂଜା ଏବଂ ଗୋଧନ ବାହୁଡ଼ା ଯାତ୍ରା ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ବଜାରର ଥାନପତି ଠାକୁର ଶ୍ରୀ ଗୋପୀନାଥ ଦେବ, ଶ୍ରୀ ରାଧା ଓ ରାସବାଡ ମଠର ରାଧାକୃଷ୍ଣ ଦୁଇଟି ସୁସଜ୍ଜିତ ବିମାନରେ ରାସକୁଞ୍ଜ ସ୍ଥଳୀରୁ ବାହାରି ନଗର ପରିକ୍ରମା କରିବା ସହ ନିମାପଡ଼ା ବଜାର, ଗୋପୀନାଥ ପାଟଣା, ପତିତପାବନ ପାଟଣା, ଶ୍ୟାମସୁନ୍ଦରପୁର, ଅମୁଣିଆପାଟଣା, ବିଭିନ୍ନ ବ୍ୟାଙ୍କ, ସ୍କୁଲ ଓ ବହୁ ଶ୍ରଦ୍ଧାଳୁଙ୍କ ଦାଣ୍ଡ ଦୁଆରେ ଭୋଗ ଲାଗି ହେବା ସହ ପଣା ପିଇ ସାରିବା ପରେ ଜଇନାବାଦ ଗ୍ରାମ ମଣ୍ଡପଠାରେ ଅବସ୍ଥାନ କରିଥିଲେ। ସେଠାରେ ରାସପିଲାଙ୍କ ସହ ରାଧାକୃଷ୍ଣ, ଗୋପୀନାଥଦେବ ଓ ଶ୍ରୀରାଧା କୁଶଭଦ୍ରା ନଦୀରେ ସ୍ନାନ କରିଥିଲେ। ଏହି ସ୍ନାନକୁ ଯମୁନା ଗାଧୁଆ ବୋଲି କୁହାଯାଇଥାଏ। ସ୍ନାନ ପରେ ଉଭୟ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇ ଭୋଗଲାଗି ହୋଇଥିଲା। ପରେ ଥାନାର ନିମନ୍ତ୍ରଣକ୍ରମେ ଉଭୟ ଠାକୁରଙ୍କୁ ଏକ ଶୋଭାଯାତ୍ରାରେ ଜଇନାବାଦରୁ ସହର ପରିକ୍ରମା କରାଯାଇ ଥାନା ସମ୍ମୁଖ ଗୋଧନ ବାହୁଡା ମଣ୍ଡପରେ ଉପବିଷ୍ଟ କରାଯାଇଥିଲା। ପରେ ବିଧିମୁତାବକ ପୂଜାର୍ଚ୍ଚନା ଓ ଭୋଗଲାଗି କରାଯାଇଥିଲା। ଏହା ପରେ ଗୋଧନ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆତସବାଜିରେ ଏହି ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ଏହି ଯାତ୍ରା ଦେଖିବାକୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ନିମାପଡ଼ା ଏସଡିପିଓ ଶରତ ମିଶ୍ର, ଆଇଆଇସି ଜନାର୍ଦ୍ଦନ ପାଢୀ, ଏସଆଇ ମମତା ବିଶ୍ୱାଳ, ରଶ୍ମିରଞ୍ଜନ ପୃଷ୍ଟି, ଏଏସଆଇ ପ୍ରମୋଦ ସେଠୀ, କଳ୍ପନା ମହାନ୍ତି, ଅବଦୁଲ ତସଲିମ ଖାନ୍, ଅରବିନ୍ଦ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥିଲା।

■ କୁଶଭଦ୍ରା ନଦୀବନ୍ଧ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

## କାର୍ଯ୍ୟ ତଦାରଖ କରୁନାହାନ୍ତି ଯନ୍ତ୍ରୀ

**ଗୋପ, ୨୨।୪(ଡି.ଏନ୍.ଏ.)**

ଗୋପ ଜଳସମ୍ପଦ ବିଭାଗ ଅଧୀନ କୁଶଭଦ୍ରା ନଦୀବନ୍ଧ ସୁଦୃଢ଼ୀକରଣ ଲାଗି ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏଥିରେ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି। ଏପରିକି ନିମାପଡ଼ା ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟର ତଦାରଖ କରୁ ନ ଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଫଳରେ ନଦୀବନ୍ଧ କାମ କରୁଥିବା ଠିକାଦାରମାନେ ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ଏହି କାର୍ଯ୍ୟର ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ହେଲେ ଦୁର୍ନୀତି ପଦାକୁ ଆସିପାରିବ।

କୁଶଭଦ୍ରା ନଦୀ ବାମପାର୍ଶ୍ୱର ବେଦପୁରଠାରୁ ଷୋଳପୁର ପର୍ଯ୍ୟନ୍ତ ୪୦ ଲକ୍ଷ ଟଙ୍କା ସୁଦୃଢ଼ୀକରଣ କାର୍ଯ୍ୟ ଓ ନେତପୁରଠାରେ ଥିବା ବାମପଟ କୁଶଭଦ୍ରା ନଦୀବନ୍ଧ ପାଇଁ ୨୧ କୋଟିଟଙ୍କା ମଞ୍ଜୁର ହୋଇଛି। ଏହି ନଦୀ ବନ୍ଧଗୁଡ଼ିକ ଉପରେ ମାଟି ପକାଇବା ସହ ନଦୀବନ୍ଧ ବିପଦସଙ୍କୁଳ ସ୍ଥାନରେ ପ୍ରୋଟେକ୍ସନ୍ ୱାଲ କରିବା ଓ ପଥର ପ୍ୟାକିଂ ପାଇଁ ଏହି ଟଙ୍କା ମଞ୍ଜୁର କରାଯାଇ ଠିକାଦାରଙ୍କ ମାଧ୍ୟମରେ କାର୍ଯ୍ୟ କରାଯାଉଛି। କିନ୍ତୁ ଠିକାଦାର ନଦୀବନ୍ଧରେ ପ୍ରୋଟେକ୍ସନ୍ ୱାଲ ଓ ପଥର ପ୍ୟାକିଂ କାର୍ଯ୍ୟ ଅତି ନିମ୍ନମାନ କରିଥିବାରୁ ଭୋଳିନାଥ ସାହୁ, ବ୍ରଜକିଶୋର ବାରିକ, ନଟବର ମିଶ୍ର, ସନାତନ ମିଶ୍ର, ବାବୁ ବେହେରାଙ୍କ ସମେତ ଗ୍ରାମବାସୀ ଭିଜିଲାନ୍ସ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ସବୁ କାର୍ଯ୍ୟଗୁଡ଼ିକୁ ଜଳ ସମ୍ପଦ ବିଭାଗ ଯନ୍ତ୍ରୀମାନେ ଠିକ୍ ସମୟରେ ତଦାରଖ ନ କରିବା ଯୋଗୁ ଠିକାଦାରମାନେ ବେପରୁଆ କାର୍ଯ୍ୟ କରିବାରୁ ଏପରି ଅବସ୍ଥା ଦେଖାଦେଇଛି। ଏପରିକି ଆକଳନ ଅନୁଯାୟୀ କାର୍ଯ୍ୟ ହେଉ ନ ଥିବା ଜଣାପଡ଼ିଛି। ଏ ନେଇ ସ୍ଥାନୀୟ ବାସିନ୍ଦା ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଶଶିଭୂଷଣ ମିଶ୍ରଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ବନ୍ୟା ସମୟରେ କୁଶଭଦ୍ରା ନଦୀର ବେଦପୁର, ତିନିଟିଅର, ଗୋଲପୁର, ନେତପୁର, ମଦରଙ୍ଗ, ପରାଳ ଆଦି ସ୍ଥାନ ବିପଦସଙ୍କୁଳ ଥିବା ନେଇ ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ଏହି ସ୍ଥାନକୁ ଚିହ୍ନଟ କରାଯାଇ ବନ୍ଧ ପାଇଁ ଟଙ୍କା ମଞ୍ଜୁର କରାଯାଇଥିବାବେଳେ ଏହି କାର୍ଯ୍ୟ ନିମ୍ନମାନ ହେବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ନିମାପଡ଼ା ନିର୍ବାହୀଯନ୍ତ୍ରୀ ଶଶିଭୂଷଣ ମିଶ୍ରଙ୍କୁ ପଚାରିବାରେ କାର୍ଯ୍ୟଗୁଡ଼ିକୁ ତଦାରଖ କରିବା ସହ ଆବଶ୍ୟକତା ଅନୁଯାୟୀ ଏହି ସବୁକାର୍ଯ୍ୟର ବିଲ୍ କରାଯିବ ବୋଲି କହିଥିଲେ।



କୁଶଭଦ୍ରା ନଦୀବନ୍ଧ।